

ସୁଶ୍ରୀ ଓଡ଼ିଶା ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-94 ◆SATURDAY ◆27 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯୪ ◆ଶନିବାର ◆୨୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



## ବିଏସ୍‌ଏନ୍‌ଏଲ୍ ୪ଜି ସେବାର କରିବେ ଉଦ୍‌ଘାଟନ

■ **ଭୁବନେଶ୍ୱର, ୨୬।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ପ୍ରକଳ୍ପ ସହ ସାରା ଦେଶ ପାଇଁ ବିଏସ୍‌ଏନ୍‌ଏଲ୍ ୪ଜି ସେବା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧ ଲକ୍ଷ ସ୍ଥାନରେ ୪ଜି ସେବା ସି-ଡଟ୍ କୋର୍, ତେଜସ୍ ନେଟୱର୍କ ଏବଂ ଟିସିଏସ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି।

ବିଏସଏନଏଲ୍ ୪ଜି ନେଟୱର୍କର ଦେଶବ୍ୟାପୀ ଶୁଭାରମ୍ଭ ସମ୍ପୂର୍ଣ୍ଣ "ଆତ୍ମନିର୍ଭର' ୪ଜି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏବଂ ଏହି ସଫ୍ଟୱେର୍‌ରେ ୫ଜିକୁ ସହଜରେ ଅପଗ୍ରେଡ କରାଯାଇପାରିବାର ବ୍ୟବସ୍ଥା ରହିଛି। ଏହା କେବଳ ବିଏସ୍‌ଏନ୍‌ଏଲ୍‌ର ପୁରୁଣା ଗ୍ରାହକମାନଙ୍କୁ ନୁହେଁ ବରଂ ଡିଜିଟାଲ୍ ଦୁନିଆ ସହିତ କେବେ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକଙ୍କୁ ସାରା ଦେଶରେ ଦ୍ରୁତ ଗତି ସମ୍ପନ୍ନ ମୋବାଇଲ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବ। ଡିବିଏନ୍ (ଡିଜିଟାଲ୍ ଭାରତ ନିଧି, ଯାହା ପୂର୍ବରୁ ୟୁଏସଓଏଫ୍ ଥିଲା) ମୋବାଇଲ୍ ପ୍ରୋଜେକ୍ଟରେ ବିଏସଏନଏଲ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪୧୮୦ ଡିବିଏନ୍ ପାଣ୍ଠି ବିଶିଷ୍ଟ ୪ଜି ସାଇଟ୍, ଅନ୍ୟ ଟିଏସପି ମାଧ୍ୟମରେ ୪୭୨୩ ସାଇଟ୍ ଅନ୍ତର୍ଭୁକ୍ତ। ଏହା ଭାରତର ୨୬୭୦୭ ଦୂରଦୂରାନ୍ତ ଗ୍ରାମରେ ପ୍ରାୟ ୨ ମିଲିୟନ୍ ପରିବାରକୁ ମୋବାଇଲ୍ ସେବା ସୁବିଧା ପ୍ରଦାନ କରିବ।

ଓଡ଼ିଶାରେ ବିଏସଏନଏଲ୍ ୨୪୭୨ ଟି ଅପହଞ୍ଚ ଦୂରଦୂରାନ୍ତ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ୧୬୬୫ ଟି ଟାୱାର ନିର୍ମାଣ କରିସାରିଛି। ଦୃଢ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରଗୁଡ଼ିକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜିତ କରାଯାଉଛି। ସ୍ୱଦେଶୀ ୪ଜି ▶ପୃଷ୍ଠା-୭

# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ **ଭୁବନେଶ୍ୱର, ୨୬।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ଅନୁଭୂତ ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

**୨ରେ ଆଉ ଏକ ଲଘୁଚାପ**

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ▶ପୃଷ୍ଠା-୭

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୨୬।୯ (ସମିସ):** ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୃଷ୍ଟ ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ

**୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ**

କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ▶ପୃଷ୍ଠା-୭

## ମୁଣ୍ଡଲୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ **ତ୍ରିଶୂଳିଆ, ୨୬।୯ (ସମିସ):** ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଲୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଲୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଲୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

# ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ **ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡିଛନ୍ତି। ଏଥର, ଟ୍ରମ୍ପ୍ ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ସେ ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ▶ପୃଷ୍ଠା-୭

# ପ୍ରିୟାଂଶୁ ପାଲ୍ ଓସିଏସ୍ ଟପର୍

## ୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ



■ **ଭୁବନେଶ୍ୱର/କଟକ, ୨୬।୯ (ସମିସ):** ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







## ଚାଷୀଙ୍କ ସରୁନି ଦୁଃଖ
# ମୁଣ୍ଡବିନ୍ଧା ବଢ଼ାଇଲେଣି କାଣ୍ଡବିନ୍ଧା ପୋକ

**ବିପଦରେ ହଜାର ହଜାର ହେକ୍ଟର ଧାନ ଚାଷ**

**ପୋକଙ୍କୁ ବଳ ଯୋଗାଉଛି ଲଘୁଚାପ ବର୍ଷା ପାଗ**



ଭୁବନେଶ୍ୱର,୨୬।୯(ସମିସ): ଚଳିତ ବର୍ଷ ଖରିଫ୍ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ଅସୁବିଧା ଦେଇ ଗତି କରୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ସମସ୍ୟା ଭୋଗିଲେ। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ଧାନ ଗଛରେ ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଭଲ ଅମଳ ଆଶା କରାଯାଉଛି। ମାତ୍ର ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ନଷ୍ଟ ହୋଇଯିବାକୁ ବସିଲାଣି। ଏହାର ନିରାକରଣ ଦିଗରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଚାଷୀ ଧାନ ଗଛରେ ରୋଗପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛି। ଏହାସତ୍ତ୍ୱେ ବି କୀଟ ବଂଶ ନାଶ ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅନୁକୂଳ ପାଗ ସ୍ଥିତି ଯୋଗୁଁ ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛରେ ଭଲ ପିଲ ମାରିଥିଲେ ହେଁ କାଣ୍ଡବିନ୍ଧା ପୋକଙ୍କ ଯୋଗୁଁ ଗଛ ମରିଯାଉଛି। ରୋଗପୋକ ଦମନ ପାଇଁ କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ମଧ୍ୟ ରୋଗ ପୋକ ଦମନ ହୋଇପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଉପକୂଳ ଓଡ଼ିଶାରେ ପ୍ରାୟ ଏକ ସପ୍ତାହ ଧରି କ୍ରମାଗତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଏଥିଯୋଗୁଁ ଧାନ ବିଲରେ ବିଭିନ୍ନ ରୋଗପୋକ ଦେଖାଦେଇଛି। ବେଉଷଣ ପରେ ବଢୁଥିବା ଧାନ ଗଛକୁ ଏବେ ପାଣି ସହିତ ଖରାର ଆବଶ୍ୟକତା ରହିଛି। ହେଲେ ନିୟମିତ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ଜଳ ସଙ୍କଟ ନ ଥିଲେ ହେଁ ନରମ ପାଣିପାଗ ଧାନ ଗଛକୁ ରୋଗ ପୋକ କବଳିତ କରିଛି। ଧାନ ଗଛର କଅଁଳିଆ ପତ୍ର ଏବଂ କାଣ୍ଡରେ ଏବେ କାଣ୍ଡବିନ୍ଧା ପୋକ, ଗୁଣ୍ଡି ପୋକ ଏବଂ ପତ୍ର ଝାଉଁଳା ରୋଗ ଦେଖାଦେଇଛି। ଅନ୍ୟପଟରେ ଲଘୁଚାପଜନିତ ତୁହାକୁ ତୁହା ବର୍ଷା ଲାଗି ରହିଥିବା ଯୋଗୁଁ ଧାନ ଗଛରେ ବିଷ ସିଞ୍ଚନ କଲେ ମଧ୍ୟ ତାହା ବର୍ଷା ପାଣିରେ ଧୋଇଯାଉଛି। ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଲରେ ବିଷ ଦେଲେ ମଧ୍ୟ ତାହା କାମ ଦେଉନି। ଏହିଭଳି ପାଗ ଆଉ କିଛିଦିନ ଲାଗି ରହିଲେ, ପରସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ପୂର୍ବଭଳି ଏବେ ଆଉ ଜମିରେ ଜୈବିକ ଖତ ଦିଆଯାଉନି। ବେଳକୁ ବେଳ ଜମିର ଉର୍ବରତା ହ୍ରାସ ପାଉଛି। ଏଣୁ ଏକାଧିକ କିସମର ସାର ଓ ରସାୟନର ଆବଶ୍ୟକତା ଦେଖାଦେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏ ବାବଦରେ ବାରମ୍ବାର ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି।

# ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ତତ୍ପରତା



**ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ ସହ ସିଇଓଙ୍କ ଆଲୋଚନା**

**ବିଏଲ୍‌ଓଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର୍), ୨୦୨୬କୁ ନେଇ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନଙ୍କ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ କହିଛନ୍ତି। ଏହାସହିତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟତଃ ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା ଉପରେ ଆଲୋଚନା ହୋଇଥିବା ବେଳେ ଏସ୍‌ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଏହାସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପ୍‌ଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

## ଅକ୍ଟୋବର ୧୩ରେ ଦିଲ୍ଲୀର ମହାନଦୀ ସଂସଦ
# ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ

**ବିବାଦର ଆପୋଷ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା**

**ଆଡ୍‌ଭୋକେଟ ଜେନେରାଲଙ୍କ ମନ୍ତବ୍ୟକୁ ନାପସନ୍ଦ**

ଭୁବନେଶ୍ୱର,୨୬।୯(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ ରେ ମହାନଦୀ ସଂସଦ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧି ମାନଙ୍କ ସହିତ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ ତଥା ନଦୀ ବେଶଷଜ୍ଞ ମାନେ ଯୋଗଦେବେ। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କୁ ମଧ୍ୟ ଯୋଗ ଦେବାକୁ ନିବେଦନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରିବା ସହିତ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ ନ କରି ଏହାର ବେଶିନ୍ ସହିତ ଜଡିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞ ମାନଙ୍କୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି। ତେଣୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋଷ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ଓଡ଼ିଶା ଆଡଭୋକେଟ ଜେନେରାଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ "ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ' ବୋଲି କହିଛନ୍ତି। ଏହି ବକ୍ତବ୍ୟ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ବିବାଦ ଯଦି ନାହିଁ, ଆପୋଷ ସମାଧାନର ଆବଶ୍ୟକତା କଣ ରହିଛି ବୋଲି ଏଠାରେ ପ୍ରଶ୍ନ କରାଯାଇଛି। 'ଜଳ ବିବାଦ ଟ୍ରିବୁନାଲ ହେଉଛି ଓକିଲ ପୋଷିବା ସଂସ୍ଥା' ବୋଲି ମଧ୍ୟ ଆଡଭୋକେଟ ଜେନେରାଲ କହିଛନ୍ତି। ଏକ ସାମ୍ବିଧାନିକ ପଦବୀରେ ରହି ଦେଶର ସମ୍ବିଧାନରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ଏକ ଆଇନ ବ୍ୟବସ୍ଥାକୁ ଏଭଳି ତାଚ୍ଛଲ୍ୟ କରିବା କେତେ ଯୁକ୍ତି ଯୁକ୍ତ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରଶ୍ନ ଉଠାଇଛି।

# ନକଲି ବିଦେଶୀ ମଦ କାରଖାନା ଠାବ; ୨ ଅଟକ

ଅନୁଗୋଳ, ୨୬।୯(ସମିସ): ଅନୁଗୋଳ ଥାନା ଶିକ୍ଷକପଡ଼ାରୁ ଶୁକ୍ରବାର ଏକ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ସେଠାରୁ ବିପୁଳ ପରିମାଣର ନକଲି ମଦ ଜବତ କରାଯିବା ସହ ଦୁଇଜଣଙ୍କୁ ଅଟକ ରଖାଯାଇଛି। ଅପରାଧ ନିୟନ୍ତ୍ରଣ ପାଇଁ ଅନୁଗୋଳ ଜିଲ୍ଲାରେ ଅପରେସନ 'ପ୍ରହାର' ଚାଲିଛି। ଏହି ଅପରେସନ ବେଳେ ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ୍ ଶିକ୍ଷକପଡ଼ାରେ ଏକ ଭଡ଼ାଘରେ ନକଲି ମଦ କାରଖାନା ଚାଲିଥିବା ଖବର ପାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଅନୁଗୋଳ ଟାଉନ ଥାନା ପୁଲିସ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୪୦୦ ଲିଟରରୁ ଅଧିକ ନକଲି ମଦ, ୧୫ବସ୍ତା ଠିପି, ୨୦ଜାରକିନ ସ୍ପିରିଟ୍, ବିପୁଳ ପରିମାଣର ଲେବେଲ୍ ଜବତ କରାଯାଇଛି।

## ୮ ମାସରେ ଏସ୍‌ସିବିରେ ଓପନହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ
# ସମୀକ୍ଷା କରି ସ୍ଥିତି ସୁଧାର: ହାଇକୋର୍ଟ

କଟକ, ୨୬।୯(ସମିସ): ଗତ ୮ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ-ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ମୃତ୍ୟୁ ସମ୍ପର୍କିତ କାରଣ ଦର୍ଶାଯାଇ ନଥିବାରୁ ଏହାକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତି ୩ ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଅଦାଲତ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲେ ହେଁ ମୃତ୍ୟୁର କାରଣ କିଛି ଉଲ୍ଲେଖ କରାଯାଇନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ କହିଛନ୍ତି ଖଣ୍ଡପୀଠ।

୨୦୨୩ ମସିହାରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି, ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା। ତେବେ ଏସ୍‌ସିବିରୁ ଓପନହାର୍ଟ ସର୍ଜରୀ କରି ଡିସ୍‌ଚାର୍ଜ ହୋଇଯାଇଥିବା କେତେ ରୋଗୀଙ୍କ ମୃତ୍ୟୁ ହୋଇଛି, ସେ ସମ୍ପର୍କିତ ତଥ୍ୟ ଆଜି ଅଦାଲତରେ ଉପସ୍ଥାପନ କରାଯାଇଥିଲା।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ସମ୍ବଲପୁର, ୨୬।୯(ସମିସ): ସମ୍ବଲପୁର ପ୍ରଥମ ଅତିରିକ୍ତ ସେସନ୍ସଜଜ୍ ଶିବପ୍ରସାଦ ମିଶ୍ର ଆଜି ୨୦୧୭ମସିହାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଗଗନ ମାଝି(୬୩)କୁ ଆଜୀବନ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ୨୦୧୭ ଜୁନ୍ ୧୨ରେ ଠେଲକୋଲୋଇ ଥାନା ଅଧୀନ ଡେର୍ବା ନାରୁପଡ଼ା ଗ୍ରାମରେ ଏହି ଆପରାଧିକ କାଣ୍ଡ ଘଟିଥିଲା। ପୂର୍ବ ବିବାଦକୁ କେନ୍ଦ୍ର କରି ଗଗନ ସେହି ଗ୍ରାମର ମହେନ୍ଦ୍ର ମାଝିଙ୍କୁ ହତ୍ୟା କରିଥିଲା। ସଂଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ମହେନ୍ଦ୍ର ନିଜ ଘର ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଗଗନ ଏକ ଟାଙ୍ଗିଆରେ ତାଙ୍କ ବେକକୁ ଚୋଟ ପରେ ଚୋଟ ପକାଇଥିଲା। ଘଟଣାସ୍ଥଳରେ ହିଁ ମହେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ମହେନ୍ଦ୍ରଙ୍କ ସ୍ତ୍ରୀ ସରୋଜିନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଅଭିଯୁକ୍ତ ଗଗନକୁ ଗିରଫ କରିଥିଲା।

# ୨୭ରୁ ହାଇକୋର୍ଟର ଶାରଦୀୟ ପୂଜା ଅବକାଶ

କଟକ, ୨୬।୯(ସମିସ): ଆସନ୍ତା ୨୭ ତାରିଖଠାରୁ ଓଡ଼ିଶା ହାଇକୋର୍ଟର ଶାରଦୀୟ ଦୁର୍ଗାପୂଜା ଅବକାଶ ଆରମ୍ଭ ହେଉଛି। ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ରହିବ। ଜରୁରୀ ମାମଲା ଥିଲେ, ଏହା ଅବକାଶକାଳୀନ ଖଣ୍ଡପୀଠରେ ଶୁଣାଣି ହେବ। ଏହି ସମୟରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ, ଅକ୍ଟୋବର ୧ ଓ ୬ ତାରିଖ ଦିନ ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ମାମଲାର ଶୁଣାଣି କରିବେ। ସେପ୍ଟେମ୍ବର ୨୯ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ସହ ଏହି ଦୁଇ ବିଚାରପତିଙ୍କ ଜଣିକିଆ ପୀଠ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ମାମଲାର ଶୁଣାଣି କରିବେ।

ସେହିଭଳି ଅକ୍ଟୋବର ୧ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ସହ ଏମାନଙ୍କ ଜଣିକିଆ ପୀଠ, ଅକ୍ଟୋବର ୬ରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଦୁଇଜଣିଆ ଖଣ୍ଡପୀଠ ସହ ଜଣିକିଆ ପୀଠଙ୍କ ଅବକାଶକାଳୀନ ଅଦାଲତରେ ମାମଲା ଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୮ ରେ ହାଇକୋର୍ଟ ଖୋଲିବ କିନ୍ତୁ ପୂଜା ଅବକାଶ ସମୟରେ ସେପ୍ଟେମ୍ବର ୨୯, ଅକ୍ଟୋବର ୧, ୪, ୬ ଓ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଜରୁରୀ ଆବେଦନ ଦାଖଲ କରାଯାଇପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ଆରମ୍ଭ ହେଲା 'ଆମ ସାଥୀ'
# ହ୍ୱାଟସ୍‌ଆପ୍‌ରେ ମିଳିବ ୧୨୦ ପ୍ରକାର ସେବା



ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ଆରମ୍ଭ ହୋଇଛି "ଆମ ସାଥୀ' ନାମକ ଏକୀକୃତ ହ୍ୱାଟ୍‌ସଆପ୍ ସେବା। ଏହି ହ୍ୱାଟ୍‌ସଆପ୍ ମାଧ୍ୟମରେ ରାଜ୍ୟବାସୀ ୧୨୦ ପ୍ରକାର ନାଗରିକ ସେବା ପାଇପାରିବେ। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁକ୍ରବାର ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ଏଭଳି ସେବା ପ୍ରଦାନ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

ଏହି ଅବସରରେ ରାଜ୍ୟ ସରରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ "ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟ୍‌ସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦(ସିଏମଏସ)କୁ ମଧ୍ୟ ଆରମ୍ଭ କରାଯାଇଛି। "ଆମସାଥୀ' ସହାୟକ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ଏଥିରେ ସେବା ପ୍ରଦାନ କରାଯାଇପାରିବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ସରକାର ସାର୍ବଜନୀନ ସେବାକୁ ସହଜ, ସୁନିଶ୍ଚିତ ଭାବେ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସୁବିଧାରେ ସେବା ପାଇପାରୁ ନ ଥିବା ପ୍ରତ୍ୟେକ ନାଗରିକକୁ ଏହି ବ୍ୟବସ୍ଥା ସହଜରେ ସେବା ପାଇବାର ଅନୁଭୂତି ଆଣି ଦେବ। ମେଟା ସହ ସହଭାଗିତାରେ "ଆମସାଥୀ'ର ଶୁଭାରମ୍ଭ, ଓଡ଼ିଶା ଶାସନର ପ୍ରକୃତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ 'ମେଟା'ର ଭାରତ ପରିଚାଳନା ନିର୍ଦ୍ଦେଶକ ତଥା ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଲେ ଯେ ମେଟା ସହ ଓଡ଼ିଶା ସରକାରଙ୍କ "ଆମ ସାଥୀ' ଶୁଭାରମ୍ଭରେ ସହଭାଗିତା ହେବା ପାଇଁ ଆମେ ଗର୍ବିତ। ଏହି ବ୍ୟବସ୍ଥା ହ୍ୱାଟ୍‌ସଆପ୍ ଶକ୍ତିକୁ ଉପଯୋଗ କରି ନାଗରିକମାନଙ୍କ ପାଇଁ ସାର୍ବଜନୀନ ସେବାଗୁଡ଼ିକୁ ସହଜ ଓ ସୁଲଭ କରିବ।






ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା

▶ପୃଷ୍ଠା ୧୨


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-94 •SATURDAY •27 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୪ •ଶନିବାର •୨୭ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





*Under the Guidance of*
Subrat Chhatoi
Founder (Vanik Group)

Congratulations

# OCS 2023 SELECTIONS

VANIK-IAS



RANK 3 SOVAN PATTANAIK



RANK 8 MOHAMMAD NAZIF HATIF

2 IN TOP 10

TOTAL SELECTION TILL NOW 159 OUT OF 398

40% Selections

12 SWARUPINI PATNAIK · 14 SNEHA DAS MOHAPATRA · 15 ASHUTOSH SATPATHY · 16 DEEPSITA BEHERA · 18 ASEEMA ANWESHA · 25 AKASH NAYAK · 27 PRASANNAJIT PANDA · 30 GOUTAM PRADHAN · 31 MRUTYUNJAYA ROUL · 32 SOUMYA STHITA PRAGYAN · 33 MANISHA NAYAK · 34 SHASWATEE PATTANAIK · 35 SOURAV MITTAL

37 SAI RAMAN PATRA · 39 SONALI TRIPATHY · 40 BUBUN SAHOO · 41 JYOTIPRAKASH SAMAL · 42 PUSPITA TRIPATHY · 44 SRIKUMAR PRADHAN · 45 NIPUN KUMAR PUROHIT · 47 BHAGYASHREE SWAIN · 48 MOHIT MOHAPATRA · 49 JYOTIRMAYEE SWAIN · 51 MIHIKA DAS · 53 SIDHANT MISHRA · 55 AHALYA ROUTARAY · 61 SUBHASHREE JENA · 68 TARINI PRASAD DASH · 71 MOHIT BISWAL · 72 MONALISHA ROUT

74 LIPIKANT SAHOO · 82 DEBABRAT SAHU · 85 ROJALIN JENA · 86 ANSHUMAN SAHU · 87 T. NARASINGHA PATRO · 88 KHARAVEL PRADHAN · 90 PRIYANKA NAYAK · 93 MONALISA SAHU · 97 KUMAR SATYAJEET · 99 TARINI PRASAD GOCHHAYAT · 100 B. AVINASH · 104 AKSHYA KU. PATEL · 109 PRATYUSH KU. MOHAPATRA · 113 RAJESH KU. MOHAPATRA · 116 ASHIS KU. SAHU · 118 BAISAKHI DASH · 121 ANWESH MISHRA

122 MANAS PARIDA · 124 ARCHANA SARANGI · 125 SWASTIRANJAN SAHOO · 131 PRAGATI SATPATHY · 139 SATYAJIT RAIGURU · 141 BISWAJIT BEHERA · 146 SUDHIRANJAN D. DASH · 147 PUSPANJALI SAHOO · 151 SHASHANKA S. SAMAL · 152 SAHIL KUMAR PATRA · 153 ABHIJIT J. PRADHAN · 154 SOUMYA R. SAHOO · 155 AKASH U. ACHARYA · 156 SAMYAK S. MOHAPATRA · 157 POOJA SAMAL · 158 NIRAKAR SAHU · 161 CHINMAY K. PANDA

166 SAAJAN KU. SAHA · 167 BISWAJIT RANA · 170 MITALI PATTANAIK · 173 ASHUTOSH SAHU · 174 ARICHISA NAYAK · 175 SONALI SAHOO · 180 BYOMAKESH SATAPATHY · 181 JAGABANDHU MEHER · 192 SARMISTHA PRIYADARSHINI · 195 KALU RAUTA · 197 ABHIGNA KHUNTIA · 202 AISHWARYA PANDA · 204 ASHUTOSH SAHOO · 207 MURALIDHAR PAKAL · 209 RAJENDRA KU. OJHA · 212 NIKHIL AGRAWAL · 220 SARTHAK KU. MAHAPATRA

222 RAKHI BISWAL · 230 SONALI Y. DALAI · 233 RUPAK KUMAR SAHU · 235 SASWAT SOUMYAKANT · 242 BHABANI S. BEJ · 243 JAGANNATH SHA · 244 SATAROOPA SAHU · 245 SHUBHADARSHAN BISWAL · 248 ROJALIN MAJHI · 252 JATIN KUMAR BADI · 254 HEMRAJ KUMBHAR · 259 SOUMYA R. SETHI · 261 KALYANI GARDIA · 266 CHANDAN DAS · 268 YAGNASENI SETHI · 275 ALIBHA BEHERA · 282 BISHAL MAHANANDA

288 SUSHRI SANGITA · 298 PRITAM S. P. BEHERA · 299 SIPSARANI BEHERA · 303 ABINASH TRIPATHY · 306 BISWAJIT SINGH · 309 SOURABH BAG · 326 VISHAL DEV JANI · 329 MANASH KUMAR SOREN · 335 SMRUTI SIKHA BHOI · 342 SELINA P. NAIK · 346 BISHAL RANJAN BHOI · 352 PARBATI MARNDI · 370 RASHMI RANJAN PUJARI · 373 MANAS BHOI · 374 SATYANARAYAN BHOI · 382 NIKITA PATRO · 391 JITESH PANDA

## Admission Open for

# IAS/OAS

(GENERAL STUDIES) Time : 10.30am-1.30pm
Starts from 16th October 2025
EXPERT FACULTIES FROM NEW DELHI

## EXCLUSIVE OAS-2025 (Prelims & Mains)

New Batch Starts from 29th Sept' 2025
BERHAMPUR-Time : 7.00am-10.00am
CUTTACK-Time : 9.30am-1.45pm
BALASORE-Time : 9.30am-1.45pm
JEYPORE-Time : 5.00pm-8.00pm

ONLINE LIVE BATCH
Starts from 16th October 2025 | Time : 5.30pm-8.30pm

## OPTIONAL SUBJECTS

- Geography-Starts from 23rd October 2025
- Public Administration-Starts from 29th September 2025
- Political Science-Starts from 23rd October 2025
- Sociology-Starts from 23rd October 2025
- Home Science-Starts from 23rd October 2025
- Odia-Starts from 27th September 2025

MENTORS OF VANIK-IAS

Sunil Gupta – Gov. & Social Issues, Public Administration
Mansiz Sharma – General Science & Technology
Naman Jain – Indian Economics
Jai Prakash Rou – Internal Security
Pramod Padhi – Odisha Economy, Current Af fairs
Abhaya Thakur – World & Indian History, International Relations
Vinay Tripathi – Environment & Ecology
B.M. Panda – Geography & Disaster Management
Saroj Samal – Sociology, Social Issue, Ethics
Shantanu Roy – History, Polity

DURGA PUJA OFFER
20% Discount on all Courses of VANIK-IAS
Offer Valid till 02nd Oct' 2025

Contact : 8093083555, 8984111101

www.vanikias.com · vaniksias@gmail.com · www.facebook.com/vanikias

**Bhubaneswar (CRP)** – Plot-1441, Opp. IOCL Petrol Pump, CRP Square, Bhubaneswar – 8093083555, 8984111101

**Cuttack** – Near Yamaha Showroom, Link Road, Cuttack – 8984556677, 9040656677

**Berhampur** – OSRTC Depo, Infornt of SBR Women's College, Near Khalikot College – 7992556677, 8018036677

**Balasore** – Gadagadia Chowk, Near Sanjay Heights-756001 – 8093136677, 8093146677

**Jeypore** – JCN Heights, Above Patra Electronics, Labour Office Chhak, Dhepaguda – 7205556677

## ଖଇରାକୁ ଏନ୍ଏସି ଦାବି ନେଇ ୧୨ ଦିନରେ ଗଣଧାରଣା



ଖଇରା,୨୬।୯ (ସମିସ): ଖଇରାକୁ ଏନ୍ଏସି ମାନ୍ୟତା ଦାବିରେ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାଲୁଥିବା ଆନ୍ଦୋଳନ ଆଜି ୧୨ଦିନରେ ପହଞ୍ଚିଛି। ଆଜି ଏହି ଗଣଧାରଣାକୁ ସମର୍ଥନ ଜଣାଇ ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ ଶଶୀକୁମାର ସାହୁ ଓ ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଯୁବ ନେତା ହିମାଂଶୁ ଶେଖର ବେହେରା ଯୋଗଦେଇ ଗଣଧାରଣାସ୍ଥଳରେ ପହଞ୍ଚି ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ ଉପରେ ବର୍ଷିଥିଲେ। ବିଧାୟକଙ୍କ ନିକଟରେ ବାରମ୍ବାର ଦାବି ପରେ ମଧ୍ୟ କୌଣସି ପ୍ରତିଶ୍ରୁତି ନପାଇବା ଆନ୍ଦୋଳନକାରୀ ମାନଙ୍କ ସହିତ ଖଇରା ଅଞ୍ଚଳବାସୀଙ୍କୁ ବହୁତ କଷ୍ଟ ଦେଇଛି। ଯେ ପର୍ଯ୍ୟନ୍ତ ସେମାନେ ସରକାରଙ୍କ ପାଖରୁ କୌଣସି ନିର୍ଭର ପ୍ରତିଶ୍ରୁତି ନ ପାଇଛନ୍ତି ସେମାନେ ଖରା ବର୍ଷାକୁ ଖାତିର ନ କରି ତାଙ୍କର ଆନ୍ଦୋଳନ ଜାରି ରଖିବେ ବୋଲି ଶଶୀ ସାହୁ ପ୍ରକାଶ କରିଥିଲେ। ଏଥିରେ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ ରାଜନୈତିକ ନେତା ଓ ଜନ ସାଧାରଣ ଉପସ୍ଥିତ ଥିଲେ।

# ପଞ୍ଚମ ଦିନରେ ଜିପିଏଲ୍ଏଫ୍ଏସକର୍ମୀର କାର୍ଯ୍ୟବନ୍ଦ ଆନ୍ଦୋଳନ

ଜଳେଶ୍ୱର,୨୬।୯ (ସମିସ)



ନବରାତ୍ର ପୂଜା ଆରମ୍ଭ ହୋଇଯାଇଥିବା ବେଳେ କମ୍ୟୁନିଟି ସାପୋର୍ଟ ଷ୍ଟାଫ୍ମାନେ ୬ ମାସ ଧରି ବୈକେୟା ପାରିଶ୍ରମିକ ପାଇ ନ ଥିବାରୁ ଭୋକ ଉପାସରେ ବ୍ଲକ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନରେ ବସିଛନ୍ତି। ବ୍ଲକସ୍ତରରୁ ରାଜ୍ୟ ଉଚ୍ଚ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ୬ ଦଫା ନ୍ୟାର୍ଯ୍ୟ ଦାବିନେଇ ରାଜ୍ୟର ୩୧୪ ବ୍ଲକ ସମ୍ମୁଖରେ ଜିପିଏଲ୍ଏଫ୍ କର୍ମୀ ସାମୁଖ୍ୟ ସଂଘ ଗଣଧାରଣାରେ ଅଟଳ ଅଛନ୍ତି। ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖରେ ସଭାନେତ୍ରୀ ଶାନ୍ତିଲତା ବେହେରା ଓ ଚାରୁବାଳା ଜେନାଙ୍କ ନେତୃତ୍ୱରେ ଶହଶହ କର୍ମୀ ସରକାରଙ୍କ ଟାଳଟୁଳନୀତିକୁ ସମାଲୋଚନା କରି ଧାରଣାରେ ବସିଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟକୁ ସେମାନେ ସୁଚାରୁରୁପେ ଚଳାଇ ଆସୁଥିବା ବେଳେ, ପାରିଶ୍ରମିକ ନପାଇ ଘୋର ଦୟନୀୟ ଅବସ୍ଥାରେ ରହିଥିବା ଦୁଃଖର ସହ କହିଛନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀ, ବିଡିଓ, ଜିଲ୍ଲାପାଳ, ରାଜ୍ୟ ମିଶନଶକ୍ତି ନିର୍ଦ୍ଦେଶକଙ୍କୁ ଆଗରୁ ଅବଗତ କରାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ। ତେଣୁ ପରିବାର ପ୍ରତିପୋଷଣ ଲାଗି ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ରାଜରାସ୍ତାରେ ଅନଶନ ଚାଲୁ ରହିବ ବୋଲି ଶହଶହ ମହିଳା କର୍ମୀ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଅନଶନ କାରୀଙ୍କୁ ସମର୍ଥନ ଜଣାଇ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, କେତେକ ସରପଞ୍ଚ, ସମିତି ସଭ୍ୟ ସଭାସ୍ଥଳରେ ପହଞ୍ଚି ସମବେଦନା ଜଣାଇଥିଲେ। ଏତଦ୍ ବ୍ୟତୀତ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ସେମାନଙ୍କ ନିକଟରେ ପହଞ୍ଚି ଏସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିତ୍ୟାନନ୍ଦ ଘୋଷ, ଚନ୍ଦନ ସାସମଲ, ଶାନ୍ତିଲତା ଖଟୁଆ, ବିମଳା ମହାନ୍ତି, ମାନସୀ ରାଜ, ଝରଣା ସିଂ, ପ୍ରତୀମା ମଣ୍ଡଳ, ଦିନବନ୍ଧୁ ଦାନ, ମମତା ପ୍ରଧାନ, ତନୁଶ୍ରୀ ପାତ୍ର, ଛବି ରାଣୀ ପରିଡ଼ା, ମିନତି ସେଣ ପ୍ରମୁଖ ଅନଶନରେ ବସିଛନ୍ତି।

### ଅଟକିଛି ଶ୍ରୀ କୁଞ୍ଜବିହାରୀ ମନ୍ଦିରର ପୁନରୁଦ୍ଧାର କାମ

## ଅନୁଦାନ ପାଇଁ ମନ୍ଦିର ପରିଚାଳନା କମିଟିର ନିବେଦନ





ବାଲେଶ୍ୱର,୨୬।୯ (ସମିସ): ଅଧନିର୍ମିତ ହୋଇପଡ଼ିଛି ବହୁ ପୁରାତନ କୁଞ୍ଜବିହାରୀ ମନ୍ଦିର। ନିର୍ମାଣ ପାଇଁ ଅର୍ଥ ଅଭାବ ହେବାରୁ ଏହାର ପୁନରୁଦ୍ଧାର କାମ ଆଗକୁ ବଢ଼ିପାରୁନି। ସହୃଦୟ ବ୍ୟକ୍ତି ମନ୍ଦିର କାମ ପାଇଁ ଅନୁଦାନ ଦେବାକୁ ଶ୍ରୀଶ୍ରୀ କୁଞ୍ଜବିହାରୀ ଜୀଉ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ଉତ୍କଳୀୟ ଗଜପତି ରାଜବଂଶର ଦ୍ୱିତୀୟ ଗଜପତି ବୀର ପ୍ରତାପ ଶ୍ରୀଶ୍ରୀପୁରୁଷୋତ୍ତମ ଦେବ ୧୪୬୭ ମସିହାରେ ବହୁ ମନ୍ଦିର, ବ୍ରାହ୍ମଣ ଶାସନ, ନାଟ ମଣ୍ଡପ ଆଦି ସ୍ଥାପନ କରିଥିଲେ। ତନ୍ମଧ୍ୟରୁ ବାଲେଶ୍ୱରର ଅଠିଳାବାଜ ଗ୍ରାମର ଶ୍ରୀ କୁଞ୍ଜବିହାରୀ ମନ୍ଦିର ଅନ୍ୟତମ। ଏବେ ଏହି ପୁରାତନ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ୨୦୨୩ ମାର୍ଚ୍ଚ ୩ ଏକାଦଶୀ ତିଥିରେ ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟ ଅଧା ହେବା ପରେ ଜଣାପଡ଼ିଲା ଯେ ନିର୍ଦ୍ଧାରିତ ଖର୍ଚ୍ଚ ଠାରୁ ଯଥେଷ୍ଟ ଅଧିକ ଖର୍ଚ୍ଚ ହେଉଛି। ଗ୍ରାମ୍ୟ ପରିଚାଳନା କମିଟି ଏହି ମନ୍ଦିର ନିର୍ମାଣ କରିବାକୁ ଅକ୍ଷମତା ପ୍ରକାଶ କରି ନିର୍ମାଣ କାର୍ଯ୍ୟ ଧିମେଇ ଦେଇଛି। ତେଣୁ ମୁକ୍ତ ହସ୍ତରେ ଅନୁଦାନ ପ୍ରଦାନ କରିବାକୁ ଭଗବତ ପ୍ରେମୀ ମାନଙ୍କୁ ଅନୁରୋଧ କରାଯାଇଛି। ୯୭୭୭୨୭୩୬୯୮, ୭୩୮୧୧୧୦୩୬୪ ଯୋଗାଯୋଗ ନମ୍ବର ଅଥବା ଆକାଉଣ୍ଟ ନମ୍ବର ୫୪୯୬୧୦୧୧୦୦୦୬୨୩୦, ଆଇଏସଏଫସି ନମ୍ବର ବିକେଆଇଡି୦୦୦୫୪୯୬ ରେ ମନ୍ଦିରର ପୁନରୁଦ୍ଧାର କାମ ପାଇଁ ସ୍ୱ-ଇଚ୍ଛାରେ ଅନୁଦାନ ପ୍ରଦାନ ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ଗୌର ଚନ୍ଦ୍ର ଦାଶ ଓ ସମ୍ପାଦକ ହରିହର ଦାଶ ନିବେଦନ କରିଛନ୍ତି।

## କଣ୍ଟେନର-ଟ୍ରକ୍ ଧକ୍କା; ଡ୍ରାଇଭର, ହେଲ୍ପର ଗୁରୁତର

ବସ୍ତାବ୍ଲକ,୨୬।୯ (ସମିସ): ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅଧୀନ ୬୦ ନମ୍ବର ଜାତୀୟ ରାଜପଥର ଜୁକନଣ୍ଡି ଛକ ନିକଟରେ ଏକ ଟ୍ରକ୍ ଓ କଣ୍ଟେନର ସହିତ ଧକ୍କା ହେବା ଫଳରେ ଟ୍ରକର ଡ୍ରାଇଭର ଓ ହେଲ୍ପର୍ ଗୁରୁତର ହୋଇ ଥିବା ଜଣାପଡ଼ିଛି। ପ୍ରକାଶ ଯେ ଶୁକ୍ରବାର ସକାଳ ସମୟରେ ଜୁକନଣ୍ଡି ଛକ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା କଣ୍ଟେନରକୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ଟି କ୍ଷତିଗ୍ରସ୍ତ ହେବା ସହିତ ଡ୍ରାଇଭର ଓ ହେଲ୍ପର ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ଖବରପାଇ ରାଜପଥ ପୁଲିସ, ଅଗ୍ନିଶମ ବିଭାଗ ସହ ସ୍ଥାନୀୟଲୋକେ ପହଞ୍ଚି କଟର ସାହାଯ୍ୟରେ ଗାଡ଼ିର ସାମ୍ନା ପଟକୁ କାଟି ଦୁଇଜଣଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

### ● ଡାହାଣି ସନ୍ଦେହରେ ଅବହେଳିତ ବୃଦ୍ଧା

## ହାତ ଅସ୍ତ୍ରୋପ୍ରଚାର ଲାଗି ସହାୟତା ପାଇଁ ନିବେଦନ



ଜଳେଶ୍ୱର,୨୬।୯ (ସମିସ): ସହରତଳି ଓ ଗାଁ ଗଣ୍ଡାରେ ବହୁ ଅବହେଳିତ ନିଷ୍ପେସିତ ମାଙ୍କ ସେବା ଲାଗି ଅହରହ ଚେଷ୍ଟିତ ଜଳେଶ୍ୱର ଅଞ୍ଚଳର ସାମାଜିକ ସଂଗଠନ ଭୋଲା ଭଣ୍ଡାରୀର ଅନ୍ନଦା ପରିବାର। ଜଳେଶ୍ୱର ପୌରପରିଷଦ ଅଧୀନସ୍ଥ ୧ ନଂ ୱାର୍ଡ ମୂଳନିବାସୀ ଶଙ୍ଖୀ ମୁର୍ମୁ (୮୫) ଏବେ ୬ ନଂ ୱାର୍ଡ ଅଞ୍ଚଳରେ ନିରାଶ୍ରୟ ଭାବେ କାଳାତିପାତ କରୁଛନ୍ତି। ତାଙ୍କର ପରିବାର ବର୍ଗ ଥିବାବେଳେ ଡାହାଣୀ ସନ୍ଦେହରେ ସେମାନେ ଦୂରତା ରକ୍ଷା କରିଆସୁଛନ୍ତ। ଯାହାଫଳରେ ତାଙ୍କ ଜୀବନରେ ବୈବାହିକ ଯୋଗ ଆସିନଥିବା ବେଳେ ସମସ୍ତଙ୍କ ଠାରୁ ସେ ଅଲଗା ରହି ଆଲୋଡା ହୋଇ ପଡ଼ିଛନ୍ତି। ଦୀର୍ଘଦିନ ଧରି ସେ ଭିକ୍ଷାବୃତ୍ତି କରି ଚଳି ଆସୁଥବା ବେଳେ ଭୋଲା ଭଣ୍ଡାରୀ ଅନ୍ନଦାତାର ସଭ୍ୟ ସମାଜସେବୀ ଓ ସହଯୋଗୀଙ୍କ ପକ୍ଷରୁ ତାଙ୍କୁ ପ୍ରତ୍ୟହ ଖାଦ୍ୟ, ପାନୀୟ, ବସ୍ତ୍ର ,ଔଷଧ ଯୋଗାଇ ଆସୁଛନ୍ତି। ଗତ ୧୬ ତାରିଖରେ କୌଣସି ସ୍ଥାନରେ ଭୋଜନ କରି ଫେରିବାବେଳେ ଗାଡ଼ି ଦୁର୍ଘଟଣାର ଶିକାର ହୋଇ ବାମହାତ ଭାଙ୍ଗି ଗୁରୁତର ହୋଇଥିଲା। ତାଙ୍କୁ ସଂଗଠନର ସଭ୍ୟ ତଥା ଜଣାଶୁଣା ସମାଜସେବୀ ହରିଶଙ୍କର ପଣ୍ଡା ହସ୍ପିଟାଲରେ ଭର୍ତ୍ତିକରି ୫ୟୁନିଟ ରକ୍ତ ଯୋଗାଇବା ସହ ଚିକିତ୍ସା ବ୍ୟବସ୍ଥା କରୁଛନ୍ତି। ରବିବାର ସଂଗଠନର ପ୍ରମୁଖ ସଦସ୍ୟ ଶୁଭେନ୍ଦୁ ରାଉତ୍ଙ୍କ ତତ୍ତ୍ୱାବଧାନରେ ନିକଟସ୍ଥ ରାମକୃଷ୍ଣ ନର୍ସିଂ ହୋମରେ ଅପରେସନ ହେବ ବୋଲି ଜଣାଯାଇଛି। ସ୍ୱାସ୍ଥ୍ୟ କାର୍ଡକୁ ଛାଡି ଅନ୍ୟାନ ଖର୍ଚ୍ଚ ରହିଥିବା ବେଳେ ଅଧିକ ଅର୍ଥ ଆବଶ୍ୟକ ରହିଛି ବୋଲି ଜଣାପଡିଛି। ଶଙ୍ଖୀର କେହି ଆତ୍ମୀୟ ନ ଥିବାବେଳେ ସହାୟତା ଲାଗି ଅନୁରୋଧ କରାଯାଇଛି।

## ଜାତୀୟ ସେବା ଯୋଜନା ଦିବସ ପାଳିତ




ବାଲେଶ୍ୱର,୨୬।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଦିବସ ପାଳିତ ହୋଇଛି। ଏନ୍ଏସ୍ଏସ୍ ଓ ସହ-ବିଭାଗଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ମନୋଭାବ, ସମାଜିକ ଦାୟିତ୍ୱ ଓ ଯୁବଶକ୍ତି ଉଦ୍ଦେଶ୍ୟରେ ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନଏସଏସର କାର୍ଯ୍ୟକଳାପ ପାଇଁ ବିଶ୍ୱବିଦ୍ୟାଳୟର ପଦକ୍ଷେପ ଓ ସଚେତନଶୀଳ ସମର୍ଥନକୁ ପ୍ରଶଂସିତ କରିଥିଲେ। ମୁଖ୍ୟ ବକ୍ତା ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏନ୍ଏସ୍ଏସ୍ର ପ୍ରୋଗ୍ରାମ୍ ଅଫିସର ଡ. ପ୍ରତିମା ପ୍ରଧାନ, ଏନଏସଏସ ବ୍ୟୁରୋର ସଂଯୋଜକ ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଥିଲେ। ଡ. ଅଭୟ କୁମାର ନାୟକ ସହଯୋଗ ଓ ଡ. ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ। ଏହା ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା-ସମୁଦାୟରେ ଦୟା, ସମାଜିକ ଦାୟିତ୍ୱ ଓ ସୁସ୍ଥାୟୀ ଉନ୍ନୟନର ପ୍ରତିଶ୍ରୁତି ସହ ଏନଏସଏସ ସ୍ଥାପନର ଦୃଷ୍ଟିକୋଣକୁ ଅଧିକ ଉତ୍ସାହିତ କରିପାରିଛି।

### ● ମାସମାସ ଧରି ପାଇଲେନି ବିଲ

## ଅଫିସରେ ତାଲା ପକାଇ ଧାରଣାରେ ବସିଲେ ଠିକାଦାର



ନୀଳଗିରି,୨୬।୯ (ସମିସ): ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗର ଏବେ 'ମେରିରାୟ' ନୀତି ଚାଲିଥିବାବେଳେ କାମଶେଷ କରି ମାସମାସ ଧରି ବିଲ୍ ପାଉନଥିବା ବେଳେ ଧାର କରଜ କରି କାମ କରିଥିବା ଠିକାଦାର ମାନେ ନାହିଁ ନ ଥିବା ଅସୁବିଧାରେ ପଡିଛନ୍ତି। ଏହାକୁ କେନ୍ଦ୍ରକରି ଶୁକ୍ରବାର ଠିକାଦାର ମାନସ ରଞ୍ଜନ ବାରିକ ଅଫିସରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଉକ୍ତ କାର୍ଯ୍ୟାଳୟ ଅଧୀନସ୍ଥ ଭଉଁରିଆଁବାଡ଼ ପଞ୍ଚାୟତର ଧୋବାଘାଟ ଚେକଡ୍ୟାମ୍ର ମରାମତି ପାଇଁ ଟେଣ୍ଡର କରାଯାଇଥିବା ବେଳେ ଏହି କାର୍ଯ୍ୟଟି ମାନସ ରଞ୍ଜନ ବାରିକ ପାଇଥିବା ବେଳେ ଆଜକୁ ପାଖାପାଖି ଛଅ ମାସ ଧରି କାର୍ଯ୍ୟ ସମାପ୍ତ କରି ସାରିଥିଲେ। ୪୦ ଲକ୍ଷ ଟଙ୍କାର ପ୍ରକଳ୍ପ ଥିବାବେଳେ ଅନ୍ତିମ ୧୦ ଲକ୍ଷ ଟଙ୍କାର ବିଲ୍ ପାଇବାକୁ ଥିବାବେଳେ ଉକ୍ତ ଅଫିସର ଯନ୍ତ୍ରୀ ଓ ଏସ.ଡି.ଓ ଙ୍କ ଖାମଖିଆଲ ମନୋଭାବ ଯୋଗୁଁ ମାସ ମାସ ଧରି ବିଲ୍ ପାଉନଥିବା ବେଳେ ବାରମ୍ବାର ନେହୁରା ହୋଇ କହିଥିଲେ ମଧ୍ୟ କେହି ଅଧିକାରୀ ଶୁଣି ନ ଥିଲେ। ନିରୁପାୟ ହୋଇ ମାନସ ରଞ୍ଜନ ବାରିକ ଶୁକ୍ରବାର ଦିନ ଅଫିସ ର ତାଲା ପକାଇ ଧାରଣାରେ ବସିଥିଲେ। ବହୁ ସମୟ ଧରି ବସିବା ପରେ ଅଧିକ୍ଷଣ ଯନ୍ତ୍ରୀ ସୁନିଲ୍ ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ସମସ୍ତ କାଗଜପତ୍ର ଠିକ୍ କରି ବିଲ୍ ପୈଠ ପାଇଁ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପ୍ରତିଶ୍ରୁତି ଦେବା ପରେ ଧାରଣରୁ ଉଠିଥିଲେ। ଏବେ ଉକ୍ତ ଅଫିସ ଟି ବଣଭୋଜି ର ଆସର ପାଲଟି ଥିବାର ଦେଖିବାକୁ ମିଳିଛି। ଏବେଠୁ ନ ସୁଧାରିଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## କାର୍ଯ୍ୟରେ ଅବହେଳା; ଆରଆଇଙ୍କୁ ନିଲମ୍ବିତ କଲେ ଜିଲ୍ଲାପାଳ

ଖଇରା,୨୬।୯ (ସମିସ): ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କାର୍ଯ୍ୟରେ ଅବହେଳା ପାଇଁ ଖଇରା ତହସିଲ ବର୍ତନା ରାଜସ୍ୱ ନିରିକ୍ଷକ ଅଶ୍ୱନୀ ସେଠୀଙ୍କୁ ନିଲମ୍ବିତ କରିଛନ୍ତି। ଜିଲ୍ଲାପାଳ ଗତକାଲି ଭିସି ମାଧ୍ୟମରେ ସମସ୍ତ ରାଜସ୍ୱ ନିରୀକ୍ଷକ ସରକାର ପକ୍ଷରୁ ଦିଆଯାଇଥିବା ସମସ୍ତ କାର୍ଯ୍ୟ ଯଥା ଚାଷୀ ମାନଙ୍କର ସମିତିରେ ଧାନ ଦେବା ପାଇଁ ଦେଉଥିବା ପ୍ରମାଣପତ୍ର ଯାଞ୍ଚ ସମେତ ବିଭିନ୍ନ ସରକାରୀ କାର୍ଯ୍ୟର ତଦାରଖକୁ ନେଇ ଆଲୋଚନା କରିଥିଲେ। ବର୍ତନା ରାଜସ୍ୱ ନିରୀକ୍ଷକ ସେ ସମସ୍ତ କାର୍ଯ୍ୟ ତୁଲାଇ ନ ଥିଲେ। ଯାହାକୁ ନେଇ ଜିଲ୍ଲାପାଳ ଅଶ୍ୱନୀଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଶୁକ୍ରବାର ଅଶ୍ୱନୀକୁ ନୀଲମ୍ବିତ କରିଥିବା ନେଇ ଖଇରା ତହସିଲଦାର ଅମିତ ହୋତାଙ୍କ ନିକଟକୁ ପାତ୍ର ମାଧ୍ୟମରେ ଜଣାଇଥିବା ନେଇ ତହସିଲଦାର ସୂଚନା ଦେଇଛନ୍ତି।


## ବାଇକ୍ ସହ ମଦ ଜବତ, ଜଣେ ଗିରଫ

ନୀଳଗିରି,୨୬।୯ (ସମିସ): ଗୁରୁବାର ସକାଳେ ଅବକାରୀ ବିଭାଗ ଚଢ଼ଉ କରି ବାଇକ ସହ ଦେଶୀ ମଦ ଜବତ କରିଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଆଜି ମିରିଗିଣୀ ଅଞ୍ଚଳରୁ ଦେଶୀ ମଦ ନେଇ ଏକ ବାଇକରେ ଜଣେ ଯୁବକ ଚାଲାଣ କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଅବକାରୀ ବିଭାଗ ଇନ୍ସପେକ୍ଟରଙ୍କ ନିର୍ଦ୍ଦେଶରେ ଓଆଇସି ଏକ ଟିମ୍ ନେଇ ଚଢ଼ଉ କରିଥିଲେ। ଶ୍ୟାମ ସୁନ୍ଦରପୁର ଅଞ୍ଚଳରେ ଯୁବକକୁ ଅଟକାଇବା ପରେ ତାଙ୍କ ଠାରୁ ୧୮୦ ଲିଟର ଦେଶୀମଦ ଓ ବାଇକ ଜବତ କରିଥିଲେ। ଅଟକ ଯୁବକ ହେଲେ ସିଆଡିମାଳ ଅଞ୍ଚଳର ନିରଞ୍ଜନ ଦାସବାବୁ। ଏନେଇ ଏକ ମାମଲା ରୁଜୁକରି ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।



## ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ଥିବା ହୋଟେଲରେ ପୁଲିସ ଚଢ଼ଉ

ନୀଳଗିରି,୨୬।୯ (ସମିସ): ଆଗକୁ ଦୁର୍ଗାପୂଜା ଆସୁଥିବା ବେଳେ ଏହି ଶୈବ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ବେଶ୍ ଜମିଥାଏ। କୌଣସି ହୋଟେଲରେ ଅନୈତିକ କାର୍ଯ୍ୟକଳାପକୁ ରୋକ୍ ଦେବାପାଇଁ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଉପଖଣ୍ଡ ପୁଲିସ୍ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକଙ୍କ ଆଦେଶମୂଳେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କ ଏକ ଟିମ୍ ଗତ ୨୪ତାରିଖରେ ବିଳମ୍ବିତ ରାତିରେ ଶୈବ ପୀଠ ଉପରେ ଥିବା ସମସ୍ତ ହୋଟେଲ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ହୋଟେଲ ଗୁଡ଼ିକର ସମସ୍ତ ରେଜିଷ୍ଟର ତଦାରଖ କରିଥିଲେ। ଅନୈତିକ କାର୍ଯ୍ୟକୁ ହୋଟେଲ ଗୁଡ଼ିକରେ ନ କରିବା ପାଇଁ ତାଗିଦ୍ କରିଥିଲେ। ଚଢ଼ଉ ଦିନ ଲଗାଣ ବର୍ଷା ଯୋଗୁଁ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇ ନଥିଲା। ପୁଲିସ୍ ରତିଅଧିଆ ଚଢ଼ଉ ଦେଖି ହୋଟେଲ ମାଲିକଙ୍କ ଭିତରେ କକୁଆ ଭୟ ଖେଳିଯାଇଛି।



# ମହାବୀର ଆଖଡ଼ା ସଂଘର ଶତ ବାର୍ଷିକ



ବାଲେଶ୍ୱର,୨୬।୯ (ସମିସ)

ମହାବୀର ଆଖଡ଼ା ସଂଘର ଶତବାର୍ଷିକ ପୂର୍ତ୍ତି ଉଦ୍ୟାପନୀ ଉତ୍ସବ ଓ ଚଳିତବର୍ଷର ଶାରଦୀୟ ଦୁର୍ଗା ପୂଜା ଅବସରରେ ବିରାଷ୍ଟମୀ , ଦଶହରା ଓ କୁମାର ପୁର୍ଣିମାରେ ଆଖଡ଼ା ପ୍ରତିଯୋଗିତା ପୁରସ୍କାର ସମ୍ବନ୍ଧରେ ଚୁଡାନ୍ତ ସିଦ୍ଧାନ୍ତ ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସଭାପତି-ଗୋପୀନାଥ ଶତପଥୀଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ସଭା ମାକଳପୁର ମହାବୀର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଚଳିତ ବର୍ଷର ଆଖଡ଼ା ଖେଳ ପ୍ରଦର୍ଶନରେ ୩୫ ଟି ଆଖଡ଼ା ଦଳ ଯୋଗଦାନ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଉପସ୍ଥିତ ଆଖଡ଼ା ଦଳର କର୍ମକର୍ତ୍ତା ଓ ସର୍ଦାରମାନେ ପ୍ରକାଶ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଆଖଡ଼ା ଦଳ ମାନେ ନିଜ ନିଜର ଅଞ୍ଚଳରୁ ପୋଲିସ ପ୍ରଶାସନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ଓ ରାସ୍ତାରେ ଆସି ବିରାଷ୍ଟମୀ ଦିନ ମାକଳପୁର ମହାବୀର ମନ୍ଦିର ରେ ଖେଳ ପ୍ରଦର୍ଶନ ପୂର୍ବକ ପ୍ରଣାମୀ ପ୍ରଦାନ କରିବା ସହ ଦଶହରା ଦିନ ସିନେମା ଛକ ଠାରେ ଆଖଡ଼ା ଖେଳ ପ୍ରଦର୍ଶନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। କୁମାର ପୁର୍ଣିମାରେ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ବାର୍ଷିକ ଉତ୍ସବ ଓ ଖେଳ ପ୍ରତିଯୋଗିତା ପୁରସ୍କାର ପ୍ରଦାନ ସହ ଏକଶତ ବାର୍ଷିକ ପୂର୍ତ୍ତୀ ର ଉତଯାପନି ଉତ୍ସବକୁ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ଜିଲ୍ଲା ସାଧାରଣ ପ୍ରଶାସନ ଓ ପୋଲିସ ପ୍ରଶାସନ ଙ୍କ ନିର୍ଦ୍ଦେଶନା ଅନୁଯାୟୀ କୌଣସି ଆଖଡ଼ା ଦଳ ଧାରୁଆ ଅସ୍ତ୍ର ସାଥିରେ ନଆଣିବା ସହ ନିଶାଦ୍ରବ୍ୟ ବ୍ୟବହାରକୁ ସମ୍ପୁର୍ଣ୍ଣ ନିଷେଧ କରାଯାଇଛି। ଶ୍ରେଷ୍ଠ ପ୍ରତିଯୋଗୀ ତଥା ଖେଳାଳୀଙ୍କୁ ପୁରସ୍କୃତ କରାଯିବା ସହ ଶ୍ରେଷ୍ଠ ଆଖଡ଼ା ଦଳଙ୍କୁ ରୂପା ଗଦା, ରୁପା ଖଣ୍ଡା ଓ ସିଲ , କପ୍ ଇତ୍ୟାଦି ପ୍ରଦାନ କରାଯାଉଥିବା ଜଣାଯାଇଛି। ଦୁର୍ଗା ପୂଜା ଅବସରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମ ରେ ବାଲେଶ୍ୱରର ସଂସ୍କୃତି ପ୍ରେମି ଜନସାଧାରଣ ଯୋଗଦାନ ପୁର୍ବକ ସହଯୋଗ କରିବା ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ସାଧାରଣସଭାରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଉପସଭାପତି ପଦ୍ମଲୋଚନ ଲେଙ୍କା, ମନୋଜ କୁମାର ରାଉତ, ଅରୁଣ କୁମାର ଚାଟାର୍ଜୀ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା ଓ ଲମ୍ବୋଦର ବେହେରା, ସହକାରୀ ସମ୍ପାଦକ ବିଜୟ ପଲାଇ, ଦେବେନ୍ଦ୍ର ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀଙ୍କ ସମେତ ଉପଦେଷ୍ଟା କମଳାକାନ୍ତ ନାୟକ, ହେମନ୍ତ କୁମାର ମାସନ୍ତ, ହେମନ୍ତ କୁମାର ଚଣ୍ଡ, କାର୍ତ୍ତିକ ଚନ୍ଦ୍ର ବେହେରା, ଦେବବ୍ରତ ପାଣିଗ୍ରାହୀ, ଶର୍ମିଳା ବାରିକ, ଆଶ୍ରୀତା ତରେଇ, ଧିରେନ କୁମାର ନାୟକ, ଭାରତ ଭୁଷଣ ଦାସ, ରାଜେନ୍ଦ୍ର ଦାସ, ଶ୍ରୀମନ୍ତ ମାଝୀ, ମାନସ ରଥ, ଅନୁପ ସ୍ୱାଇଁ, ରାଜେଶ ମହାପାତ୍ର, ରାଜକିଶୋର ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସାଇ କ୍ରୀଷ୍ଣା ନର୍ସିଂ ଟ୍ରେନିଂ ଛାତ୍ରୀଙ୍କ ଜିକେଭଟ୍ଟର ହସ୍ପିଟାଲରେ ସେବା ଆରମ୍ଭ

ଜଳେଶ୍ୱର,୨୬।୯ (ସମିସ): ନାରାୟଣ ଏଜୁକେଶନାଲ ଚେରି ଟେବୁଲ୍ ଟ୍ରଷ୍ଟର ସାଇକ୍ରୀଷ୍ଣା ନର୍ସିଂ କଲେଜ ଛାତ୍ରୀଙ୍କ ଦ୍ୱାରା ଜିକେ ଭଟ୍ଟ ହସପିଟାଲ ରେ କ୍ଲିନିକାଲ ସେବା ଆରମ୍ଭ ହୋଇଛି। ଅନୁଷ୍ଠାନର ଅଧ୍ୟାପିକା ରୁମ୍ପା ଜାନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଜି କେ ଭଟ୍ଟର ହସ୍ପିଟାଲରେ କ୍ଲିନିକାଲ ଟ୍ରେନିଂ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡା. ଅଜିତ ମହାନ୍ତିଙ୍କ ଅନୁରୋଧ କ୍ରମେ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଦିଲୀପ କୁମାର ପାତ୍ର, ଫକୀର ପ୍ରଧାନ, ନୀହାର ଖୁଣ୍ଟିଆ, ଅମନ କୁମାର ପ୍ରଧାନ, ହରିହର ପ୍ରଧାନ, ମାଣିକ ମହାନ୍ତି ସମସ୍ତଙ୍କ ସହିତ ଛାତ୍ରୀମାନେ ପ୍ରତି ବିଭାଗକୁ ପରିଦର୍ଶନ କରି ରୋଗୀ ମାନଙ୍କର ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର ଅଭିଶ୍ୱେତା ମହାନ୍ତି, ଆଇଟିଆଇ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, କୋଷାଧ୍ୟକ୍ଷ ମାନସ ମାଇତି, ଦେବାଶିଷ ଦାସ, ଅଧ୍ୟାପକ ସ୍ୱରାଜ କୁମାର ଜେନା, କବିତା ବେହେରା, ରଂଜିତା ଦାସ, ସୁମନ ପଟ୍ଟନାୟକ, ପରେଶ୍ ପଟ୍ଟନାୟକ, ଗୌରଗୋପାଳ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।








# ଆସୁଛନ୍ତି ମା’ ଦୁର୍ଗା ୪୯ ବର୍ଷ ପୂଜା ପାଳିବ ସହଦେବଖୁଣ୍ଟା କମିଟି

ବାଲେଶ୍ୱର,୨୬।୯ (ସମିସ)

ଭାରତୀୟ ସଂସ୍କୃତିର ଏକ ପୁରାତନ ମନ୍ଦିର ସଦୃଶ ଥର୍ମୋକୁଲରେ ନିର୍ମାଣ ହେଉଛି ତୋରଣ। ସମ୍ପୂର୍ଣ ତୋରଣ ଥର୍ମୋକୁଲରେ ନିର୍ମାଣ ହେଉଛି। ଯାହାର ଓସାର ୫୮ ଫୁଟ୍ ଏବଂ ଉଚ୍ଚତା ୪୨ ଫୁଟ୍ ରହିଛି। ଏହି ନିଆରା ଓ ଆକର୍ଷଣୀୟ ତୋରଣକୁ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ର ନିର୍ମାଣ କରୁଛନ୍ତି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ସହରର ସହଦେବଖୁଣ୍ଟା ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରତିବର୍ଷ କିଛି ନିଆରା ଓ ଆକର୍ଷଣୀୟ ତୋରଣ ନିର୍ମାଣ କରିଥାଏ। ଚଳିତ ବର୍ଷ ମଧ୍ୟ ଏକ ନିଆରା ତୋରଣ ସମସ୍ତଙ୍କୁ ଆକୃଷ୍ଟ କରିବ। ଆଉ ଦିନ କେଇଟା ପରେ ଆରମ୍ଭ ହେବ ଶାରଦୀୟ ଦୁର୍ଗା ପୂଜା। ସେଥିପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ବିଭିନ୍ନ କମିଟି ପକ୍ଷରୁ ନିଆରା ତୋରଣ, ସାଜସଜ୍ଜା, ମୂର୍ତ୍ତି ନିର୍ମାଣ ହୋଇଥାଏ। ସେଥିମଧ୍ୟରୁ ବସ୍‌ଷ୍ଟାଣ୍ଡ ସ୍ଥିତ ସହଦେବଖୁଣ୍ଟା ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ୧୯୭୬ ମସିହାରୁ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ କମିଟି ୪୯ ତମ ପୂଜା ପାଳନ କରିବ। ସେନେଇ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ପୂଜା ପାଇଁ ୬ ଲକ୍ଷ ଟଙ୍କା ବଜେଟ ରହିଛି। ଏଥିରେ ତୋରଣ, ସାଜସଜ୍ଜା, ଲାଇଟ୍, ମୂର୍ତ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି। ଏଥର ମଧ୍ୟ ଆକର୍ଷଣୀୟ ତୋରଣ ନିର୍ମାଣ ହେଉଛି। ଯାହାକୁ ଆର୍ଟକଲେଜ ପିଲାମାନେ ତିଆରି କରୁଛନ୍ତି। ଏଥିପାଇଁ ୨ ଲକ୍ଷ ୨୦ ହଜାର ଟଙ୍କା ନିର୍ଦ୍ଧାରଣ କରାଯାଇଛି। ମା’ଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିଛି। ମା’ଙ୍କ ମୂର୍ତ୍ତିକୁ ବଙ୍ଗୀୟ କାରିଗର ନିର୍ମାଣ କରୁଛନ୍ତି। ମା’ଙ୍କ ପାଟ ଶାଢ଼ୀ ସହ ଚାନ୍ଦି ଅଳଙ୍କାର ରହିଛି। ଏହି ପୂଜା ମଣ୍ଡପରେ ପାଖାପାଖି ୫୦୦ ଡାଲା ପୂଜା ପାଇଁ ଲାଗି ହୁଏ। ତେବେ କମିଟିର ୫୫ ସଦସ୍ୟଙ୍କ ସହଯୋଗରେ ପୂଜା ପାଳିତ ହୁଏ। ପ୍ରଦୀପ ଗିରି, ସତ୍ୟନାରାୟଣ ଦାସ, ଦୟାନିଧି ବେହେରା, ମୁକ୍ତିକାନ୍ତ ମହାପାତ୍ର, ନଳିନୀକାନ୍ତ ମହାପାତ୍ର, ସୁଜିତ ନନ୍ଦ, ରଞ୍ଜନ କୁମାର ମଲ୍ଲିକ, ହରି ମଲ୍ଲିକ, ସନ୍ତୋଷ ମିଶ୍ର, ଜିତେନ୍ଦ୍ର ଦାସ, ଜିତେନ୍ଦ୍ର ପ୍ରହରାଜ, ସୁଧାଂଶୁ କୁମାର ପଣ୍ଡା ପ୍ରମୁଖ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ।




## ଥର୍ମୋକୁଲରେ ଝଲସିବ ଭାରତୀୟ ସଂସ୍କୃତିର ପୁରାତନ ମନ୍ଦିର



ଆମର କାମ ୫୦ ପ୍ରତିଶତ ବି ସରିନାହିଁ। ବର୍ଷା ପାଇଁ ଏବେ ଅସୁବିଧା ହେଉଛି। ଲାଇଟ୍, ସାଜସଜ୍ଜା କାମ ସରିନି। ବର୍ଷା ପାଇଁ ଅସୁବିଧା ହେଉଛି। ବର୍ଷା ପାଇଁ କାମ ଅଟକି ପଡୁଛି। ପୂଜା ସମୟରେ ବର୍ଷାହେଲେ ପୂଜା ନିଶ୍ଚୟ ଫିକା ପଡ଼ିବ।

**ଶଶି ଶେଖର ମହାନ୍ତି, ସମ୍ପାଦକ**



ଏବର୍ଷ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଏଥିସହିତ ଚଳିତବର୍ଷ ମଣ୍ଡପ ପରିସରରେ ଦଶହରା ଦିନ ରକ୍ତଦାନ ଶିବିର ଆୟୋଜିତ ହେବ।

**ଜିତେନ୍ଦ୍ର ପରମାଣିକ, ଉପସଭାପତି**

# ବାଇକ୍ ଚୋରକୁ ଧରି ଉତ୍ତମ ମଧ୍ୟମ ଦେଲେ ଲୋକେ

ସୋର,୨୬।୯ (ସମିସ): ସୋର ବ୍ଲକ ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରୁ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ ଚୋରି କରି ନେଇଯାଉଥିବା ବେଳେ ବାଇକ୍‌କୁ ଉଦ୍ଧାର କରି ଚୋରକୁ ଧରି ଉତ୍ତମ ମଧ୍ୟମ ଦେଇ ଗ୍ରାମବାସୀ ସୋର ପୁଲିସ ଜିମା ଦେଇଥିଲେ। ସୂଚନା ଅନୁସାରେ ଏହି ଗ୍ରାମର ରମେଶ ରାଉତ ତାଙ୍କ ହିରୋ ହୋଣ୍ଡା ହଙ୍କ୍ ବାଇକକୁ ଘରବାରଣ୍ଡାରେ ରଖିଶୋଇଥିଲେ। ରାତି ଗୋଟାଏ ସମୟରେ ରମେଶଙ୍କ କାକା ପରିଶ୍ରା କରିବାକୁ ଉଠିଥିବା ବେଳେ ଚୋରମାନେ ବାଇକ ଟିକୁ ଚୋରି କରି ନେଇଯାଉଥିବା ଦେଖି ତାଙ୍କୁ ପଚାରିବାରେ ସେମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ବାଇକ ନେଇ ଫେରାର ହୋଇଯାଇଥିଲେ। ପରେ ଏହି ଖବର ଜାଣିବା ପରେ ରମେଶ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ତାଙ୍କୁ ପିଛା କରିଥିଲେ। ନୀଳଗିରି ଥାନା ବାଉଁଶ ବଣିଆ ଛକ ନିକଟରେ ବାଇକକୁ ରାସ୍ତାରେ ରଖିଦେଇ ଚୋର ଜଣଙ୍କ ଦୌଡ଼ି ପଳେଇ ଯାଉଥିବା ବେଳେ ଗ୍ରାମବାସୀତାଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରିବା ସହିତ ଚୋର ଧରି ଥାନାରେ ଆଣି ଅଟକ ରଖିଥିଲେ। ଆଜି ସକାଳେ ରମେଶ ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଟକ ଥିବା ଚାନ୍ଦିପୁର ଥାନା ଆଳଦା ଗ୍ରାମର ରିପୁନ ଜେନା (୨୪) କୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଆରମ୍ଭ କରିଛି।



# ବାଲେଶ୍ୱର ବଜାରକୁ ପ୍ରବେଶ କଲା ପ୍ରୋ ମ୍ୟାକ୍ସ ଓ ୱାର୍ଲଡ୍ ମ୍ୟାକ୍ସ



ବାଲେଶ୍ୱର,୨୬।୯ (ସମିସ): ରେମୁଣା ଗୋଲେଇଠାରେ ଅବସ୍ଥାପିତ ଗୀତା ଅଟୋ ମୋବାଇଲ୍ସରେ ଏସକୋର୍ଟ୍ସ କ୍ୟୁବାଟୋ ଲିଃ ତରଫରୁ ଉନ୍ନତମାନର ନୂଆ ଟ୍ରାକ୍ଟରର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଗୀତା ଅଟୋ ମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ତଥା ଚେୟାରମ୍ୟାନ ଅଶୋକ କୁମାର ବେରାଙ୍କ ପୌରୋହିତ୍ୟରେ କୃଷକ ମିଳନ ଏବଂ ନୂଆ ଟ୍ରାକ୍ଟରର ଉଦ୍‌ଘାଟନୀ ସଭା ଆୟୋଜିତ ହୋଇଥିଲା। ସମ୍ପୃକ୍ତ ସଂସ୍ଥାର ମ୍ୟାନେଜର ରାଜେନ୍ଦ୍ର ଦାସଙ୍କ ମଞ୍ଚ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରଦେଶରେ କ୍ୟୁବାଟୋ ଲିଃର ସେଲସ୍ ଏବଂ ମାର୍କେଟିଙ୍ଗ ମ୍ୟାନେଜର ଚନ୍ଦନ କୁମାର ଗିରି, ଜୋନାଲ ରିଟେଲ ଏବଂ ଫାଇନାନ୍ସ ମ୍ୟାନେଜର ଆନ୍ନା ମାଲାଇ, ସର୍ଭିସିଙ୍ଗ ଇଞ୍ଜିନିୟର ଇଂ ଆଶିଷ ଆନନ୍ଦ ପଣ୍ଡା ଉପସ୍ଥିତ ରହି କୃଷକମାନଙ୍କୁ ଟ୍ରାକ୍ଟର ଚଷାପୁଅର ବନ୍ଧୁ ବୋଲି ଉଦବୋଧନ ଦେଇଥିଲେ। ଏହି ଅବସରରେ ଉତ୍ତର ଓଡ଼ିଶାକୁ ପ୍ରଥମ ଥର ପ୍ରବେଶ କରିଥିବା ପ୍ରୋ ମ୍ୟାକ୍ସ ଏବଂ ୱାର୍ଲଡ ମ୍ୟାକ୍ସ ପ୍ରବେଶ କରିବା ଅତ୍ୟନ୍ତ ଶୁଭ ଦାୟକ ଏବଂ ଏହାର ବୈଶିଷ୍ଟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିତେନ୍ଦ୍ର ନାଥ କର, ସଦାନନ୍ଦ ନାୟକ, ଶିବ ଶଙ୍କର ଦାସ, ରଞ୍ଜିତ ବେହେରା, ସୁମିତ୍ରା ସାମନ୍ତ ରାୟ, ବିଜୟ ଦାସ, କଳ୍ପନା ବାରିକ ଏବଂ ଅଜୟ ବାରିକ ପ୍ରମୁଖ ବିଶେଷ କୃଷକମାନଙ୍କୁ ନୂଆ ଗାଡି ଡେଲିଭରୀ କରାଯାଇଥିଲା।

# ଅବକାରୀ ଚଢ଼ଉ

## ଗୁଡ଼ପୋଚ ନଷ୍ଟ ସହ ଦେଶୀମଦ ଜବତ, ୩ ଗିରଫ

ସୋର,୨୬।୯ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରି ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୨୪୫୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୧୭୦ ଲିଟର ଦେଶୀମଦ ସମେତ ମଦରନ୍ଧା ସାମଗ୍ରୀକୁ ଜବତ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଫେରାର ହୋଇଯାଇ ଥିଲେ। ସେହିପରି ଏହି ଟିମ ମୁନି ସବିରା ଗ୍ରାମରେ ଚଢ଼ଉ କରି ମନୁ ଦଳେଇ ନିକଟରୁ ୩୫ ଲିଟର, ରାଧିକାନଗର ଗ୍ରାମର ରୁକ୍ମଣୀ ପୃଷ୍ଟି ନିକଟରୁ ୪୦ ଲିଟର ଏବଂ ଢିପାସାହି ଗ୍ରାମର ହୀରା ମଣ୍ଡଳ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନଷ୍ଟେବଳ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।



# ପାରିବାରିକ କଳହରୁ ଆତ୍ମହତ୍ୟା ଅଭିଯୋଗ

ଜଳେଶ୍ୱର ବ୍ଲକ୍,୨୬।୯ (ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଗ୍ରାମର ଅଭିଜିତ ଜେନାଙ୍କ ଧର୍ମପତ୍ନୀ ପୁଷ୍ପଲତା ଜେନା ପାରିବାରିକ କଳହରୁ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଉଭୟ ଦମ୍ପତି ସାଙ୍ଗରେ ପାଠ ପଢିବା ବେଳେ ପ୍ରେମ ବିବାହ କରୁଥିଲେ ଖବର ଲେଖା ହେବା ପର୍ଯ୍ୟନ୍ତ ପୁଷ୍ପଲତାର ଶବ ବ୍ୟବଚ୍ଛଦ ସାଙ୍ଗକୁ ଶବଦାହ ହୋଇ ନ ଥିବା ସୂଚନା ମିଳିଛି। ଏ ନେଇ ରାଇବଣିଆ ଥାନାରେ ଉଭୟ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

# ଇଂରାଜୀ ଭାଷା ସମ୍ପନ୍ନତା ପାଠ୍ୟକ୍ରମ କର୍ମଶାଳା



ବାଲେଶ୍ୱର,୨୬।୯ (ସମିସ): ଇଂରାଜୀ ଭାଷା ସଂପନ୍ନତା ପାଠ୍ୟକ୍ରମର ପ୍ରଥମ ପର୍ଯ୍ୟାୟ କର୍ମଶାଳା ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୁରୁର ମିଳିତ ସହଯୋଗରେ ପାଞ୍ଚଦିନ ବ୍ୟାପି ଚାଲିଥିବା ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତୀମଣି ସାହୁଙ୍କ ପୌରୋହିତ୍ୟରେ ସଦର ଶିକ୍ଷାଧିକାରୀ ଯୋଗେଶ୍ୱର ଜେନା ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁମିତା ଦାସ, ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ତରଫରୁ ଗୋପବନ୍ଧୁ ଦାସ ପର୍ଯ୍ୟବେକ୍ଷକ ଭାବେ ପରିଚାଳନା କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ବାଲେଶ୍ୱର, ଭଦ୍ରକ ଓ କେଉଁଝର ଜିଲ୍ଲାରୁ ୫୧ ଜଣ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଇଂରାଜୀ ଭାଷା ବ୍ୟବହାର ତଥା ଶିକ୍ଷଦାନ ପଦ୍ଧତି କୌଶଳ ବୃଦ୍ଧି ପାଇଁ ସୂତନ୍ତ୍ର ପ୍ରଶିକ୍ଷକ ନରେନ୍ଦ୍ର କୁମାର ସାହୁ, ଶରତ ପାଣିଗ୍ରାହୀ, ରବିନାରାୟଣ ପାଣି, ସୌମ୍ୟପ୍ରକାଶ ସାହୁ, ଯତୀନ୍ଦ୍ରନାଥ ଦାସ ଅଧିକାରୀ ଓ ଇନ୍ଦ୍ରଜିତ ପାତ୍ର ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଶକ୍ତି ସାଧନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ,୨୬।୯ (ସମିସ): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର +୨ ଓ +୩ ବିଭାଗ ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସେବାଶିବିରର ପୂର୍ବତନ ପରିଚାଳିକା ଅଧ୍ୟାପିକା ଶାନ୍ତିଲତା ଦାସ ଯୋଗ ଦେଇ ଜାତୀୟ ସେବା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ମାନବୀୟ କର୍ତ୍ତବ୍ୟ ବୋଲି ମତ ରଖିଥିବାବେଳେ ଅତିଥି ଭାବେ ୱାଇଆରସି ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଓ +୨ ଜାତୀୟ ସେବା ଶିବିର ସଂଯୋଜକ ଅଧ୍ୟାପକ ଆଶିଷ କୁମାର ଓଝା ଯୋଗଦେଇ ଥିଲେ। +୨ ଓ +୩ ଜାତୀୟ ଶିବିରର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। +୩ ବିଭାଗ ଜାତୀୟ ସେବା ଶିବିରର ପରିଚାଳିକା ଅଧ୍ୟାପିକା ସୁପ୍ରସନୀ ବେହେରା କୃତଜ୍ଞତାଜ୍ଞାପନ କରିଥିଲେ।






### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରାଇଦେବା ଆଳରେ ଠକେଇ


# ଟଙ୍କା ନେଇଥିବା ଅଭିଯୁକ୍ତର ଜାମିନ ନାମଞ୍ଜୁର

ବାଲେଶ୍ୱର,୨୬।୯ (ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜର ପୋଷ୍ଟରେ ଚାକିରି କରାଇଦେବାକୁ କହି୨୪ ଲକ୍ଷ ଟଙ୍କା ଠକେଇ ଘଟଣାରେ ଆଜି ଅଭିଯୁକ୍ତର ଜାମିନ ନାମଞ୍ଜୁର ହୋଇଛି। ସରକାରୀ ଚାକିରି ଆଶାରେ ଅନେକ ଗରିବ ପିଲା ବିଭିନ୍ନ ସମୟରେ ୪୦ରୁ ଅଧିକ ଯୁବକ ଯୁବତୀଙ୍କଠୁ ୨୪ଲକ୍ଷ ଟଙ୍କା ବେଆଇନ ଭାବେ ଠକାଇ ନେଇଥିବାର ଅଭିଯୋଗ ଜ୍ୟୋସ୍ନା ନାୟକ ଓ ମନୋଜ ମାଝୀ ଦୁଇ ଜଣ ବାଲେଶ୍ୱର ସାଇବର ଥାନାରେ ହେମନ୍ତ ଜେନା, ଅଜିତ ରାଉତ ଓ ସମର ଜେନାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏତଲାକୁ ଦୃଷ୍ଟିରେ ରଖି ସାଇବର ଥାନା ପୁଲିସ ମାମଲା ରୁଜୁ କରିଥିଲା। ତେବେ ଠକେଇ କରିଥିବା ହେମନ୍ତ ଜେନା ଏକ ଜାମିନ ଦରକାର ଆବେଦନ କରିଥିଲେ। ଶୁକ୍ରବାର ମାନ୍ୟବର ସ୍ପେଶାଲ ଜଜ୍, ଏସସି/ଏସ୍‌ଟି ଅବଦୁଲ ସମିନ ଅକତାର ଉକ୍ତ ଜାମିନ ଆବେଦନ ଶୁଣାଣି କରି ମୁଦାଲା ହେମନ୍ତ ଜେନା ଅଶ୍ରିତା ପଣ୍ଡା, ସନ୍ତୋଷ କୁମାର ନାୟକ, ଶ୍ରୀତମ ନାୟକ, ମିଳନ ପରିଡ଼ା ଓ ଅନ୍ୟଯୁବକ ଯୁବତୀଙ୍କଠାରୁ ବିଭିନ୍ନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜର ପୋଷ୍ଟରେ ଚାକିରି କରାଇଦେବା ବୋଲି କହି ଯଥାର୍ଥତାର ଉପଲବ୍‌ଧ କରି ତାଙ୍କ ଜାମିନ ଦରଖାସ୍ତକୁ ନାମଞ୍ଜୁର କରିଛନ୍ତି। ଉକ୍ତ ଦରଖାସ୍ତକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ସୁଲଳିତ କର ମକଦ୍ଦମା ପରିଚାଳନା କରୁଥିଲେ।

ପ୍ରକାଶ ଥାଉ କି, ଚାକିରି ଆଶାରେ ଅନେକ ଗରିବ ପିଲା ସଞ୍ଚିତ ଅର୍ଥକୁ ଦେଇ ଠକାମିର ଶିକାର ହୋଇଛନ୍ତି। କିଏ ଅନଲାଇନ୍ ମାଧ୍ୟମରେ ଟଙ୍କା ଦେଇଛନ୍ତି ତ କିଏ କେସ୍ ପ୍ରଦାନ କରିଛନ୍ତି। ଏହାପରେ ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ମିଥ୍ୟା ନିଯୁକ୍ତି ସାର୍ଟିଫିକେଟ ମଧ୍ୟ ପ୍ରଦାନ କରିଥିଲେ। ଏହାବ୍ୟତୀତ ସିଡିଏମଓଙ୍କ ଦସ୍ତଖତ ଥିବା ନିଯୁକ୍ତି ପତ୍ର କିଛି ଯୁବକ ଯୁବତୀଙ୍କୁ ମେଲ୍ କରି ନିଯୁକ୍ତିର ତାରିଖ ଉଲ୍ଲେଖ କରିଥିଲେ। ସେମାନେ ଏହି ସାର୍ଟିଫିକେଟ ଧରି କାମରେ ନିଯୁକ୍ତି ପାଇଁ ସିଡିଏମଓଙ୍କୁ ଦେଖା କରିବା ପରେ ଏମିତି ପୋଷ୍ଟ ନଥିବା ନେଇ ସତ୍ୟ ପ୍ରକାଶ କରିଥିଲେ। ତେଣୁ ସବୁ ଯୁବକ ଯୁବତୀ ସତର୍କ ହୁଅନ୍ତୁ ବୋଲି ସୁଲଳିତ କର କହିଛନ୍ତି।

# ସମ୍ପାଦକୀୟ



ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

ସକାଳ THE SAKALA

## ସୁଧୁରୁଛି ମଧ୍ୟପ୍ରାଚ୍ୟ ସ୍ଥିତି

ଏକ ବୃହତ୍ତର ଇସ୍ରାଏଲ ଗଠନ ଆଳରେ ପାଲେଷ୍ଟାଇନ୍ ସ୍ଥିତିକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ ଅସ୍ୱୀକାର କରିଆସିଥିବା ବେଳେ ଗାଜାପଟିରେ ଚାଲିଥିବା ନରସଂହାର ଓ ଅମାନବୀୟ ନିର୍ଯାତନାକୁ ବିଶ୍ୱଜନମତ ଦୃଢ଼ ବିରୋଧ କରିବା ସହ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଉଥିବା ରାଷ୍ଟ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲକୁ ଏପର୍ଯ୍ୟନ୍ତ ନିରଙ୍କୁଶ ସମର୍ଥନ ଦେଇଆସିଥିବା ଆମେରିକାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ମଧ୍ୟ ଏହି ପ୍ରସଙ୍ଗରେ କେବଳ କରଛଡ଼ା ଦେଇନାହାନ୍ତି, ପାଲେଷ୍ଟାଇନକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଅଷ୍ଟ୍ରେଲିଆ ଅନ୍ୟତମ। ଏପରିକି ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟ ଇସ୍ରାଏଲ ସହ ଥିବା ଦ୍ୱିପାକ୍ଷିକ ଚୁକ୍ତି ରଦ୍ଦ କରିବାକୁ ଧମକ ଦେଇଛି। ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ ଦେଶ ପାଲେଷ୍ଟାଇନର ସ୍ୱାତନ୍ତ୍ର୍ୟକୁ ମାନ୍ୟତା ଦେଇଛନ୍ତି। ଏହି ପୃଷ୍ଠଭୂମିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରବ ରାଷ୍ଟ୍ରର ମୁସଲମାନ ନେତାଙ୍କ ସହ ଆଲୋଚନା ବେଳେ ସ୍ଥାୟୀ ଯୁଦ୍ଧ ବିରତି ପ୍ରସ୍ତାବ ଆଗତ କରାଉଥିବା ସୂଚନା ଦେଇଛନ୍ତି। ଏହାର ପ୍ରଥମ ସର୍ତ୍ତ ରହିବ ପଣବନ୍ଦୀ ପ୍ରତ୍ୟାହାର। ନେତାନ୍ୟାହୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ହରାଇଥିବାରୁ ହମାସ ଏହି ସର୍ତ୍ତକୁ କେତେଦୂର ଗ୍ରହଣ କରିବ ସେ ନେଇ ସନ୍ଦେହ ରହିଛି। ତେବେ ବୁଝାମଣା ପ୍ରସ୍ତାବକୁ ଏକ ସକାରାତ୍ମକ ରୂପ ଦେବା ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି। ଏପରିକି ଯୁଦ୍ଧ ପରବର୍ତ୍ତୀ ଗାଜାର ଶାସନ ଦାୟିତ୍ୱ କାହା ହାତରେ ରହିବ ଓ ୱେଷ୍ଟବ୍ୟାଙ୍କର ଭବିଷ୍ୟତ ନେଇ ଆଲୋଚନାରେ ବେଶ ଅଗ୍ରଗତି ଘଟିଥିବାର ସୂଚନା ମିଳିଛି।

ଜାତିସଂଘ ଅଧିବେଶନରେ ଯୋଗଦେବା ସକାଶେ ନେତାନ୍ୟାହୁ ପହଞ୍ଚିଛନ୍ତି। ଯେତେଦୂର ସମ୍ଭବ ଏହି ଶାନ୍ତି ପ୍ରସ୍ତାବ ନେଇ ଟ୍ରମ୍ପ ତାଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ କ୍ରମେ ଏକଘରିଆ ହୋଇଯାଇଥିବାରୁ ପ୍ରତିକୂଳ ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବୁଝାଇବା ସହ ଏହି ଶାନ୍ତି ପ୍ରୟାସ ପଛରେ ନିଜର ମହତାକାଂକ୍ଷାକୁ ସାକାର କରିବାକୁ ଚାହିଁବେ। ଏମିତିରେ ଇସ୍ରାଏଲରେ ଜନମତ ଯାହା, ଯୁଦ୍ଧ ସମାପ୍ତି ପରେ ନେତାନ୍ୟାହୁଙ୍କୁ କ୍ଷମତାରୁ ବିଦା କରିବାକୁ ବେଶି ସମୟ ଲାଗିବ ନାହିଁ। ଏହାବ୍ୟତୀତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ପ୍ରାମାଣିକ ତଥ୍ୟ ଅଦାଲତରେ ବିଚାରାଧୀନ ରହିଛି। ତେଣୁ ବୃହତ୍ତର ଇସ୍ରାଏଲ ଗଠନର ଆଶା ନେଇ ଯୁଦ୍ଧ ଜାରି ରଖିବାକୁ ସେ ଚାହାନ୍ତି। ନିଜର କ୍ଷମତା ଓ ରାଜନୈତିକ ଭବିଷ୍ୟତକୁ ସେ ଏହି ଯୁଦ୍ଧରେ ବାଜି ଲଗାଇଛନ୍ତି। ତେଣୁ ଟ୍ରମ୍ପଙ୍କ ପ୍ରସ୍ତାବରେ ସେ ରାଜି ହେବା ବିନିମୟରେ ଇରାନ ଉପରେ ଆକ୍ରମଣ କରିବାକୁ ଚାହିଁବେ। ଆମେରିକାର ଇରାନ୍ ବିରୋଧୀ ନୀତି ଦୃଷ୍ଟିରୁ ନେତାନ୍ୟାହୁଙ୍କୁ ଟ୍ରମ୍ପ ବ୍ୟବହାର କରିବା କିଛି ବିଚିତ୍ର ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଇରାନ ଗାଜାପଟି ନୁହେଁ। ଇରାନକୁ ସାମରିକ ଦୃଷ୍ଟିରୁ ସୁଦୃଢ଼ କରିବା ସକାଶେ ରୁଷ ଓ ଚୀନ କ୍ରମାଗତ ସହାୟତା ଯୋଗାଉଛନ୍ତି। ଅନ୍ୟପକ୍ଷରେ କାତାର ରାଜଧାନୀ ଦୋହା ଉପରେ ବୋମାମାଡ଼ କରି ଇସ୍ରାଏଲ ଯେଉଁ ରଣନୈତିକ ତ୍ରୁଟି କରିଛି ତାହା ସମ୍ଭାବ୍ୟ ତେହେରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବାଧକ ହେବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ଆଗକୁ ଆମେରିକାର ବୃହତ୍ତର ସ୍ୱାର୍ଥହାନି ଘଟାଇବ। ଏହାସତ୍ତ୍ୱେ ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କୋହଳ ନୀତି କୂଟନୈତିକ ମହଲରେ ବିସ୍ମୟ ସୃଷ୍ଟି କରିଛି। ଗାଜା ପରେ ଯୁଦ୍ଧ ଯଦି ଇରାନ ମୁହାଁ ହୁଏ ତେବେ ପରିସ୍ଥିତି ଆହୁରି ଭୟାବହ ହେବ। ସେଥିପାଇଁ ବିଶ୍ୱର ଦୁଇ ଅହଂକାରୀ ନେତା ହିଁ ଦାୟୀ ହେବେ।

## ଅସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେଉଁଠି ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି ତ କେଉଁଠି ସେବାକାରୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ହସପିଟାଲ ଓ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ ସାଧାରଣ ରୋଗୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି। ସ୍ଥଳବିଶେଷରେ ଚିକିତ୍ସା ତ୍ରୁଟି ଦର୍ଶାଇ ରୋଗୀର ପରିବାର ଓ ଆତ୍ମୀୟ ସ୍ୱଜନ ଦାୟିତ୍ୱରେ ଥିବା ଚିକିତ୍ସକ ଓ ତାଙ୍କ ସହାୟକଙ୍କୁ ଆକ୍ରମଣ କରୁଛନ୍ତି। ଏଭଳି ପରିସ୍ଥିତି ଅପେକ୍ଷାକୃତ ଅଧିକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ପରିଚାଳିତ ରାଜଧାନୀ ହସପିଟାଲରେ ମଧ୍ୟ ଅନୁଭୂତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ୪ ଦିନ ସମୟ ଲାଗିଥିଲା। ଅନୁରୂପ ପରିସ୍ଥିତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉପୁଜିଛି। ଛୋଟ ପିଲାଙ୍କ ଚିକିତ୍ସା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କୌଣସି କାରଣରୁ ସେମାନଙ୍କ ଜୀବନ ଚାଲିଗଲେ ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ହୋଇଥାଏ। ଉପରୋକ୍ତ ଦୁଇଟି ଯାକ କ୍ଷେତ୍ରରେ ଶିଶୁମୃତ୍ୟୁ ହିଁ ବିବାଦର ମୁଖ୍ୟ କାରଣ।

ସୋମବାର କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ପିଲାର ମୃତ୍ୟୁ ଘଟଣାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ ପୁଲିସକର୍ମୀ କେବଳ ଦେଖଣାହାରି ପାଲଟିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ହିଂସାକାଣ୍ଡର ତୁରନ୍ତ ସମାଧାନ ହୋଇ ପାରିନଥିଲା। ଅପରାହ୍ନ ୫ଟାରେ ତନଖି ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ପଚାରି ଚାଲିଯାଇଥିଲେ। ଏହି ଆକ୍ରମଣ ଘଟଣାକୁ କେନ୍ଦ୍ର କରି ହସପିଟାଲରେ ୩ ଦିନ ଧରି ଅଚଳାବସ୍ଥା ଲାଗିରହିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନଥିଲା। ଚତୁର୍ଥ ଦିନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆକ୍ରମଣକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ୱାଭାବିକତା ଫେରିଛି। କ୍ୟାପିଟାଲ ହସପିଟାଲକୁ ମେଡିକାଲ କଲେଜର ମର୍ଯ୍ୟାଦା ଦିଆଯାଇଥିବାରୁ ତାହାର ଗୁରୁତ୍ୱ ବଢ଼ିଛି। ଅଥଚ ସେଠାରେ ଥିବା ଫାଣ୍ଡି ସହ ସଂଯୁକ୍ତ ଥିବା ଏକ ପ୍ଲାଟୁନ ପୁଲିସ ବାହିନୀକୁ କେଉଁ ପରିସ୍ଥିତିରେ ପ୍ରତ୍ୟାହାର କରିଦିଆଯାଇଥିଲା ତାହା ଆମକୁ ଅଜଣା। ଏବେ ପ୍ରଶାସନ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି। ଆମର ଏଠାରେ କହିବାର କଥା ଯେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତୀ ରହିବା ଜରୁରୀ। ଏହି ଛୋଟିଆ ଭୁଲରୁ କ୍ୟାପିଟାଲ ହସପିଟାଲରେ ଲଙ୍କାକାଣ୍ଡ ଘଟିଗଲା, ଆମେ ସେଥିପାଇଁ କାହାକୁ ଦାୟୀ କରିବା? ଏବେ ଆସିବା ନୟାଗଡ଼ ପ୍ରସଙ୍ଗକୁ। ଗୋଟିଏ ଅଢ଼େଇମାସର ଶିଶୁକୁ ଟିକା ଦେବାରେ ତ୍ରୁଟି ହେଉକି ଅନ୍ୟକିଛି, ଟିକା ସ୍ଥାନରୁ କ୍ରମାଗତ ରକ୍ତସ୍ରାବ ଘଟିବା ଅଭିଭାବକଙ୍କ ପାଇଁ ନିଶ୍ଚୟ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଏନଏମ ସ୍ତରରେ ହେଉଥିବା ତ୍ରୁଟିକୁ ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁଧାରି ପାରିଥା'ନ୍ତେ। ଏକ୍ଷେତ୍ରରେ ଯଥୋଚିତ ଗୁରୁତ୍ୱ ଦିଆ ନଯିବାରୁ ଶିଶୁଟିର ମୃତ୍ୟୁ ଘଟିଲା। ତେଣୁ ପରବର୍ତ୍ତୀ ପରିସ୍ଥିତି ଯାହା ହେବା କଥା ତାହା ହିଁ ସେଠାରେ ଉପୁଜିଲା। ଠିକାରେ ନିଯୁକ୍ତି ଏଏନଏମ ମାସ ମାସ ଧରି ବେତନ ନପାଇ ଏକନିଷ୍ଠ ସେବା ଦେଇ ନପାରିବାରେ ମଧ୍ୟ ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା କାହାର ଜୀବନ ବିନିମୟରେ ହେବା ଉଚିତ ନୁହେଁ। ନିକଟ ଅତୀତରେ ଚିକିତ୍ସା ଅବହେଳା ସକାଶେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ବ୍ୟବସ୍ଥା ସୁଧାରିବାରେ ଏହା ଏକମାତ୍ର ବିକଳ୍ପ ନୁହେଁ।

ଏହି ଦୁଇଟି ଘଟଣା ଉପସ୍ଥାପନ କଲା ବେଳେ କଲକାତାର ଆରଜି କର ହସପିଟାଲ ଘଟଣା ସ୍ୱତଃ ସାମ୍ନାକୁ ଆସିଯାଉଛି। ଚିକିତ୍ସାକେନ୍ଦ୍ର ବା ହସପିଟାଲ ରଣକ୍ଷେତ୍ର ବା ଅପରାଧୀଙ୍କ ଆଡ୍ଡାସ୍ଥଳ ହେବାକୁ ଦିଆଯିବ ନାହିଁ। ସାର୍ବଭାରତୀୟ ସ୍ତରରେ ଯେଉଁ ନିର୍ଦ୍ଦେଶାବଳୀ ଅନୁପାଳନ ସକାଶେ କଠୋର ତାଗିଦ୍ କରାଯାଇଥିଲା ତାହା ଆମରାଜ୍ୟରେ କାର୍ଯ୍ୟକାରୀ ହେଉଛି ତ? ଆମେ ଯେଉଁ ଘଟଣା ଏଠାରେ ଉପସ୍ଥାପନ କରିଛୁ ତାହା ବିରଳ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ତାହା ଉପୁଜୁଛି। ସରକାର ସେଥିପ୍ରତି ସଚେତନ ହେବା ଉଚିତ।

# ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର

**ମନୋରଂଜନ ମହାନ୍ତି**

ଇତିହାସ ସାକ୍ଷୀ, ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି। ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍‌ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ତାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଏବଂ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି। ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍‌ସରେ ଭଲ୍‌ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ତାନରେ ମୁଜିବୁର୍ ରହେମାନ୍ ପ୍ରମୁଖ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ - ନେପାଳ ଓ ଫ୍ରାନ୍‌ସ। ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଏବଂ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା। ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ। ପୁନଶ୍ଚ ୨୦୦୮ରୁ ୨୦୨୫ ଯାଏଁ ୧୭ ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେଣି। ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ। ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମିତ୍ତ କ୍ଷମତାର ଅପବ୍ୟବହାର କରିଛନ୍ତି। ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଦୁର୍ନୀତିର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଦୁର୍ନୀତି। ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମିତ୍ତ। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି। ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଏବଂ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି। ସେମାନଙ୍କ ପିଲାମାନେ ଯେଉଁଭଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତା'କୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ସ୍ୱର ଉତ୍ତୋଳନ କଲେ। ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କଲେ। ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୁଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ। ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଏବଂ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ।

ତେଣେ ଫ୍ରାନ୍‌ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି। ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି। ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ। ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା। ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି। ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା। ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା। ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ। ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ। 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି। ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନ କରି ପ୍ରତ୍ୟକ୍ଷଭାବରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିନ୍‌ଝିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି। ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲେକ୍‌ଜାଣ୍ଡାର୍ ଶୋଲ୍‌ଝେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରଚାର ବିରୋଧରେ ବିପ୍ଳବ କରି ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲ୍‌ରୁ ନିର୍ବାସିତ ହୋଇଛନ୍ତି। ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି। ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି। ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଇଂଲଣ୍ଡରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ତାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି; ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ତାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି। ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି। ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଏବଂ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ। ଏହା ହିଁ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ। ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ। ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା। ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ପୃଥିବୀର କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ ଉପଗ୍ରହ

**ଇଂ ମାୟାଧର ସ୍ୱାଇଁ**

ଆମେ ଜାଣୁ ଯେ ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। ପୃଥିବୀର ଆଦ୍ୟାବସ୍ଥାରେ ମଙ୍ଗଳ ଗ୍ରହ ଆକାରର ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ ସହିତ ପୃଥିବୀର ଧକ୍କା ହେବା ଫଳରେ ଏଥିରୁ କିଛିଅଂଶ ବାହାରି ଯାଇ ଚନ୍ଦ୍ରର ସୃଷ୍ଟି ହୋଇଛି। ଚନ୍ଦ୍ର ପୃଥିବୀଠାରୁ ହାରାହାରି ୩୮୪୩୯୯ କିଲୋମିଟର ଦୂରରେ ପୃଥିବୀକୁ ୨୯.୫ ଦିନରେ ଥରେ ପରିକ୍ରମଣ କରୁଛି।

ବେଳେବେଳେ ସୌରଜଗତର ଗ୍ରହାଣୁ ବଳୟରେ ଥିବା କେତୋଟି ଗ୍ରହାଣୁ ପୃଥିବୀର ନିକଟ ଦେଇ ଗତି କରିବା ବେଳେ ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପୃଥିବୀକୁ ପରିକ୍ରମଣ କରିଥା'ନ୍ତି। କିନ୍ତୁ ଏଗୁଡ଼ିକ ସ୍ଥାୟୀ ଉପଗ୍ରହ ଭାବେ ରହି ପାରନ୍ତି ନାହିଁ। କିଛିଦିନ ପୃଥିବୀକୁ ପରିକ୍ରମଣ କରି ପୁଣି ଏହାର ଆକର୍ଷଣରୁ ବାହାରି ଯାଆନ୍ତି। ଏଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଉଛି କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ- ଉପଗ୍ରହ। କ୍ଷୁଦ୍ର ଉପଗହ ପୃଥିବୀ ଚାରିପଟେ ଅଳ୍ପଦିନ ପରିକ୍ରମଣ କରିଥାଏ। ଏପରିକି କେତେଗୁଡ଼ିଏ ପୃଥିବୀକୁ ଥରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିକ୍ରମଣ କରି ନ ଥା'ନ୍ତି। ନିକଟ ଅତୀତରେ ଦେଖା ଦେଇଥିବା ଗୋଟିଏ କ୍ଷୁଦ୍ର ଉପଗ୍ରହ ହେଉଛି '୨୦୨୪ ପିଟିଏସ୍'। ଏହାର ବ୍ୟାସ ହେଉଛି ମାତ୍ର ୧୧ ମିଟର ଏବଂ ଏହାକୁ ୨୦୨୪ ମସିହା ଅଗଷ୍ଟ ୭ ତାରିଖରେ ଦକ୍ଷିଣ ଆଫ୍ରିକାରେ ଥିବା ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ସେହି ବର୍ଷ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୧ ମାସ ୨୭ ଦିନ ପୃଥିବୀକୁ ପରିକ୍ରମଣ କରି କକ୍ଷରୁ ଚାଲି ଯାଇଥିଲା। ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ପୃଥିବୀଠାରୁ ଏହାର ନିକଟତମ ଦୂରତା ୫୬୭୦୦୦ କିଲୋମିଟର ଥିଲା। ଏହା ୨୦୮୪ ମସିହାରେ ପୁଣି ପୃଥିବୀକୁ ୪୩ ଦିନ ପରିକ୍ରମଣ କରିବ ବୋଲି ଗଣନା କରାଯାଇଛି। ପୂର୍ବରୁ ମଧ୍ୟ କେତୋଟି ଅସ୍ଥାୟୀ ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଛି। ବାସ୍ତବରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଥିବା ଗ୍ରହାଣୁ ବଳୟରେ ୧୧ ଲକ୍ଷରୁ ଅଧିକ ଜଣା ଗ୍ରହାଣୁ ଅଛନ୍ତି ଏବଂ ଏଥିମଧ୍ୟରୁ ପ୍ରାୟ ୩୦ ହଜାର ଗ୍ରହାଣୁ ପୃଥିବୀ କକ୍ଷ ନିକଟକୁ ଆସିଥା'ନ୍ତି। ଯଦି କୌଣସି ଗ୍ରହାଣୁ ପୃଥିବୀର ୪୫ ଲକ୍ଷ କି.ମି ନିକଟକୁ ଧୀର ବେଗରେ ଆସିଥାଏ, ତା'ହେଲେ ପୃଥିବୀର ମାଧ୍ୟାକର୍ଷଣ ବଳ ତା'କୁ ନିଜ କକ୍ଷକୁ ଟାଣିଆଣେ। ୧୯୯୧, ୨୦୦୬, ୨୦୨୦ ଓ ୨୦୨୨ ମସିହାରେ ମଧ୍ୟ ଗୋଟିଏ ଗୋଟିଏ ଅସ୍ଥାୟୀ କ୍ଷୁଦ୍ର ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଥିଲା।

ଅର୍ଦ୍ଧ-ଉପଗ୍ରହକୁ ବାସ୍ତବ ଅର୍ଥରେ ପୃଥିବୀର ଉପଗ୍ରହ କୁହାଯାଇପାରିବ ନାହିଁ। ଏହା ପୃଥିବୀକୁ ପରିକ୍ରମଣ କରେ ନାହିଁ। କିନ୍ତୁ ଏହାର କକ୍ଷ ଓ ପୃଥିବୀର କକ୍ଷ ପ୍ରାୟ ସମାନ ଥାଏ। ଅର୍ଥାତ୍ ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତିକି ସମୟ ନେଇଥାଏ ଏହା ମଧ୍ୟ ପ୍ରାୟ ସେତିକି ସମୟ ନେଇଥାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ପୃଥିବୀ କକ୍ଷ ନିକଟରେ ରହୁଥିବାରୁ ଏହାକୁ ପୃଥିବୀର ଅର୍ଦ୍ଧ-ଉପଗ୍ରହ କୁହାଯାଏ। ପ୍ରକୃତରେ ଏହା ହେଉଛି ଗୋଟିଏ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଏବଂ ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା ନିକଟକୁ ଆସିଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ବିଶ୍ୱବିଦ୍ୟାଳୟର ପାନଷ୍ଟ୍ରାସ ପର୍ଯ୍ୟବେକ୍ଷଣାଗାର ଦ୍ୱାରା ଗୋଟିଏ ଅର୍ଦ୍ଧ-ଉପଗ୍ରହକୁ ଆବିଷ୍କାର କରାଯାଇଛି। ଏହାର ନାମ ୨୦୨୫ ପିଏନ୍୭ ଦିଆଯାଇଛି। ଏହାର ବ୍ୟାସ ହେଉଛି ୧୯ ମିଟର। ଏହାର କ୍ଷୁଦ୍ର ଆକାର ଓ ଅନ୍ଧାରୁଆ ପୃଷ୍ଠ ଯୋଗୁଁ ଏହା ବିଷୟରେ ବିଶଦ ତଥ୍ୟ ମିଳି ପାରିନାହିଁ। ପୃଥିବୀଠାରୁ ଏହାର ନିକଟତମ ଦୂରତା ହେଉଛି ୨୯୯,୦୦୦ କିମି.। ଜ୍ୟୋତିର୍ବିଦମାନେ ଗଣନା କରି ଜାଣି ପାରିଛନ୍ତି ଯେ ଏହା ୧୯୫୭ ମସିହାରେ ପୃଥିବୀର ଅର୍ଦ୍ଧ-ଉପଗ୍ରହର ସ୍ଥାନ ନେଇଛି ଏବଂ ପୃଥିବୀ କକ୍ଷ ନିକଟରେ ଏହା ୧୨୬ ବର୍ଷ ରହିବ। ୨୦୨୫ପିଏନ୍୭ ପୃଥିବୀର ପ୍ରଥମ ଅର୍ଦ୍ଧ ଉପଗ୍ରହ ନୁହେଁ। ଏହା ପୂର୍ବରୁ ମଧ୍ୟ ଆଉ କେତୋଟି ଅର୍ଦ୍ଧ-ଉପଗ୍ରହ ଜଣାଅଛି। ଗୋଟିଏ ଅର୍ଦ୍ଧ-ଉପଗ୍ରହ ହେଉଛି କାମୁଏ ଲେଓ୍ୱା। ଏହାକୁ ମଧ୍ୟ ପାନଷ୍ଟ୍ରାସ୍ ପର୍ଯ୍ୟବେକ୍ଷଣାଗାରରୁ ୨୦୧୬ ମସିହା ଅପ୍ରେଲ ୨୭ ତାରିଖରେ ଆବିଷ୍କାର କରାଯାଇଥିଲା। ଏହାକୁ ଆରମ୍ଭରେ ୨୦୧୬ ଏଚ୍‌ଓ୩ ନାମ ଦିଆଯାଇଥିଲା। ମାତ୍ର ୨୦୧୯ ମସିହାରେ ଏହାର ନାମ କାମୁଏଲେଓ୍ୱା ରଖାଯାଇଛି। ଏହାର ବ୍ୟାସ ୪୦ ରୁ ୧୦୦ ମିଟର ମଧ୍ୟରେ ଆକଳନ କରାଯାଇଛି। ଏହା ସୂର୍ଯ୍ୟକୁ ୦.୯ରୁ ୧.୧ ମହାଜାଗତିକ ଏକକ ଦୂରତାରେ ପରିକ୍ରମଣ କରୁଛି। ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତାକୁ ଏକ ମହାଜାଗତିକ ଏକକ କୁହାଯାଏ। ସୂର୍ଯ୍ୟ ଚାରିପଟେ ଏହାର ପରିକ୍ରମଣ ସମୟ ହେଉଛି ୩୬୫.୭ ଦିନ; ଅର୍ଥାତ୍ ପୃଥିବୀର ପରିକ୍ରମଣ ସହିତ ସମାନ। ଏହାର କକ୍ଷପଥ ଅତିମାତ୍ରାରେ ଉପବୃତ୍ତୀୟ ହୋଇଥିବାରୁ ଏହା ସର୍ବଦା ପୃଥିବୀ କକ୍ଷ ସହିତ ସମାନ କକ୍ଷରେ ରହିନଥାଏ। ଏହା ଗତ ଶହେ ବର୍ଷ ଧରି ପୃଥିବୀର ସାଥୀ ହୋଇ ରହିଛି ଏବଂ ଅତିକମ୍‌ରେ ଆହୁରି ତିନି ଶହ ବର୍ଷ ପାଇଁ ଏହିପରି ଭାବେ ରହିବ।

କକ୍ଷୀୟ ଅନୁନାଦ ଅଧ୍ୟୟନ ଏବଂ ଭୂ-ସମୀପବର୍ତ୍ତୀ ଗ୍ରହାଣୁଗୁଡ଼ିକର ଗଠନକୁ ଜାଣିବା ପାଇଁ ଅର୍ଦ୍ଧ-ଉପଗ୍ରହ ହେଉଛି ଗୋଟିଏ ପ୍ରାକୃତିକ ପରୀକ୍ଷାଗାର। ଏହି ଲକ୍ଷ୍ୟ ନେଇ ଚୀନ୍ ୨୦୨୫ ମସିହା ମେ ୨୮ ତାରିଖରେ ଟିଆୱେନ-୨ ଯାନକୁ ମହାକାଶକୁ ଉତ୍କ୍ଷେପଣ କରିଛି। ଏହା କାମୁଏଲେଓ୍ୱା ନିକଟରେ ୨୦୨୬ ମସିହା ଜୁଲାଇ ମାସରେ ପହଞ୍ଚି ଏହା ପୃଷ୍ଠରୁ ନମୁନା ସଂଗ୍ରହ କରିବ ଏବଂ ନମୁନାକୁ ୨୦୨୭ ମସିହା ନଭେମ୍ବର ମାସରେ ପୃଥିବୀ ପୃଷ୍ଠକୁ ପଠାଇବ। ସେଥିରୁ ତାହାର ଗଠନ ସମ୍ବନ୍ଧରେ ବିଶଦ ତଥ୍ୟ ଜଣାପଡ଼ିବ ବୋଲି ଆଶା କରାଯାଉଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ତିବ୍ବତରେ ବୌଦ୍ଧ ବିହାର

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ବୌଦ୍ଧବିହାରଗୁଡ଼ିକ ସହର, ନଗର ଓ ଗ୍ରାମଠାରୁ ଅଳ୍ପଦୂରରେ ହିଁ ଅବସ୍ଥିତ। ପ୍ରାୟତଃ ଅଧିକାଂଶ ବୌଦ୍ଧବିହାର ପାହାଡ଼ ଉପରି ଭାଗରେ ହିଁ ନିର୍ମିତ। ତିବ୍ବତରେ କାଠର ଘୋର ଅଭାବ ଯୋଗୁଁ ବୌଦ୍ଧବିହାରଗୁଡ଼ିକ ପଥର ଓ ଖରାରେ ଶୁଖିଥିବା ଇଟା ବ୍ୟବହାର କରି ନିର୍ମାଣ କରାଯାଏ। ବିହାରଗୁଡ଼ିକର ଛାତ ପ୍ରାୟ ସମତଳ ଏବଂ କେତେକ ଚୀନ-ଶୈଳୀରେ ନିର୍ମିତ। ସମଗ୍ର ତିବ୍ବତରେ ଚାରିଆଡ଼େ ଖେଳାଇ ହୋଇ ପ୍ରାୟ ତିନିଶହରୁ ଅଧିକ ବୌଦ୍ଧବିହାର ଅବସ୍ଥିତ। ଏଗୁଡ଼ିକ ହେଉଛନ୍ତି ତିବ୍ବତୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ର ତଥା ଆଶ୍ରୟସ୍ଥଳ।

ଏହି ବିହାର ମଧ୍ୟରୁ ଅନେକ ବିଶାଳ ଆୟତନର। ଏଥିମଧ୍ୟରୁ କେତେକ ତିନି ହଜାରରୁ ଆରମ୍ଭ କରି ଦଶ ହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ବା ଲାମାଙ୍କର ରହଣି ସ୍ଥଳ। ବୃହତ୍ ଆକାରର ବିହାରଗୁଡ଼ିକରେ ଧାଡ଼ି ଧାଡ଼ି ଲାମାଙ୍କ ଆଶ୍ରୟ କୋଠରି ସବୁ ରହି ଏବଂ ଦୁଇ ବା ତିନି ମହଲା ବିଶିଷ୍ଟ କୋଠା ଓ ଚାରିପାଖେ ରହିଥିବା ବଡ଼ ବଡ଼ ଅଗଣା ରହି ଗୋଟିଏ ଗୋଟିଏ ସହର ଭଳି ଦେଖାଯାଏ। ଏହିଭଳି ବିଶାଳ ବିହାରଗୁଡ଼ିକର ସୁପରିଚାଳନା ହିଁ ଦେଶର ଶାସନ ବ୍ୟବସ୍ଥା ଲାମାମାନେ ନେଇଥିବାର ମୁଖ୍ୟ କାରଣ।

ବିହାର ଅବସ୍ଥିତ ଥିବା ସ୍ଥାନଟି ଅତ୍ୟନ୍ତ ସୁଦୃଶ୍ୟ। ସାଧାରଣତଃ ଏହାର ଦ୍ୱାର ପୂର୍ବଦିଗକୁ ଅଥବା ଦକ୍ଷିଣ ଦିଗକୁ ଖୋଲାଥାଏ। ଅନେକ ସ୍ଥଳରେ ଏହା ପାହାଡ଼ ଉପରେ ନଦୀ କୂଳରେ ଏବଂ ସାମନାରେ ହ୍ରଦଟିଏ ରହିଥିବା ସ୍ଥାନରେ ନିର୍ମିତ ହୋଇଥାଏ। ପ୍ରତ୍ୟେକଟି ବିହାରର ଚାରିପାଖରେ ବଗିଚା ମଧ୍ୟ ରହିଥାଏ। ବିହାରଗୁଡ଼ିକର ନାମକରଣ ଭାରତର ପ୍ରସିଦ୍ଧ ବୌଦ୍ଧ ବିହାର ନାମରେ ନାମିତ ହୋଇଥାଏ। ବିହାରଗୁଡ଼ିକର ସ୍ଥାପତ୍ୟ ସେହିଭଳି ଭାରତୀୟ ଶୈଳୀର। ତିବ୍ବତର ସମସ୍ତ ବୌଦ୍ଧ ବିହାରରେ ଲାମାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇଥାଏ। ଧାର୍ମିକ ଶିକ୍ଷା ବ୍ୟତୀତ ସାହିତ୍ୟ, ବ୍ୟାକରଣ, ଚିକିତ୍ସାବିଦ୍ୟା, ଖୋଦେଇ ବିଦ୍ୟା (ଧାତୁ ଓ କାଠ), ରଙ୍ଗ କରିବା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ଶିକ୍ଷା ଦିଆଯାଇଥାଏ। ଏହି ବିହାରରେ ଶିକ୍ଷା ଦାନ ମୁଖ୍ୟତଃ ଯେଉଁମାନେ ସଂଘରେ ପ୍ରବେଶ କରିଥା'ନ୍ତି, ସେମାନଙ୍କ ପାଇଁ ସାଧାରଣ ଲୋକଙ୍କ ପାଇଁ ନୁହେଁ। ଅନେକ ବଡ଼ ବଡ଼ ବିହାରରେ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସମସ୍ତ ବିହାର ତଥା ବିଶ୍ୱବିଦ୍ୟାଳୟ ହେଉଛନ୍ତି ଆବାସିକ ଏବଂ ସମସ୍ତଙ୍କ ପାଇଁ ଭୂମି ଖଞ୍ଜା ଯାଇଛି। ଏହା ବ୍ୟତୀତ ଭକ୍ତ ଓ ତୀର୍ଥାଳୁମାନେ ମଧ୍ୟ ଏଗୁଡ଼ିକକୁ ସ୍ୱଇଚ୍ଛାରେ ଦାନ କରିଥା'ନ୍ତି। ଅମଳ ସମୟରେ ଲାମାମାନେ ଗ୍ରାମ ଗ୍ରାମ ବୁଲି ମଧ୍ୟ ଶସ୍ୟ ସଂଗ୍ରହ କରିଥା'ନ୍ତି। ଏହାବ୍ୟତୀତ ମନ୍ତ୍ରପାଠ, ଛବି ଓ ମୂର୍ତ୍ତି ଇତ୍ୟାଦି ବିକ୍ରି ସହ ଜାତକ ପ୍ରସ୍ତୁତି ଏବଂ ଜନ୍ମ, ବିବାହ, ମୃତ୍ୟୁ, ଚିକିତ୍ସା ସମୟରେ ପୂଜା- ଉପାସନା କାର୍ଯ୍ୟ ମଧ୍ୟ ଲାମାମାନେ କରିଥା'ନ୍ତି। ଏହାବ୍ୟତୀତ ଲାମାମାନେ ବିଭିନ୍ନ ଜିନିଷର ବ୍ୟବସାୟ ବାଣିଜ୍ୟ ସହ ମହାଜନୀ କାରବାର ମଧ୍ୟ କରିଥା'ନ୍ତି। ଏହି ସବୁ ଦିଗରୁ ବୌଦ୍ଧ ବିହାରଗୁଡ଼ିକର ବିପୁଳ ଆୟ ହୋଇଥାଏ। ବିହାରଗୁଡ଼ିକରେ ରହୁଥିବା ଲାମାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସଂଖ୍ୟକ ନିୟମିତ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ ସେବକ ଅଥବା ସହାୟକ କାର୍ଯ୍ୟ କରିଥା'ନ୍ତି।

ପ୍ରତି ବୌଦ୍ଧ ବିହାରରେ ଗୋଟିଏ ବୌଦ୍ଧ ମନ୍ଦିର ରହିଛି। ତିବ୍ବତୀୟ ଭାଷାରେ ଏହି ମନ୍ଦିରକୁ ଲା-ଖନ୍ (ଈଶ୍ୱରଙ୍କ ଗୃହ) କୁହାଯାଏ। ମନ୍ଦିର ସାଧାରଣତଃ ବିହାରର କେନ୍ଦ୍ରସ୍ଥଳରେ ରହିଥାଏ ଏବଂ ମନ୍ଦିରଟି ବିହାରର ସବୁଠାରୁ ଅଧିକ ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଉପାସନା ସ୍ଥଳ ହୋଇଥାଏ। ବିଶାଳ ବିହାରଗୁଡ଼ିକରେ ଏକାଧିକ ମନ୍ଦିର ଥାଏ। ବିନା ମନ୍ଦିରରେ କୌଣସି ବୌଦ୍ଧ ବିହାର ନାହିଁ। ମନ୍ଦିରଗୁଡ଼ିକରେ ଥିବା ପ୍ରତିମାସବୁ ମୁଖ୍ୟତଃ ବୁଦ୍ଧ, ବୋଧିସତ୍ତ୍ୱ, ଅନ୍ୟ ଦେବଦେବୀ, ତାନ୍ତ୍ରିକ ଓ ଅଣ-ତାନ୍ତ୍ରିକ ବୌଦ୍ଧାଚାର୍ଯ୍ୟଗଣ ଅନ୍ୟାନ୍ୟ ଐତିହାସିକ ବ୍ୟକ୍ତିମାନଙ୍କର ହୋଇଥାଏ। ପ୍ରତିମାଗୁଡ଼ିକ ପ୍ରାୟତଃ ଉଜ୍ଜ୍ୱଳ ଦିଶୁଥିବା ତମ୍ବା ଧାତୁରେ ନିର୍ମିତ। ଲାମାମାନେ ଦିନରେ ଏକାଧିକବାର ମନ୍ଦିରରେ ଜମା ହୋଇ ମନ୍ତ୍ରୋଚ୍ଚାରଣ କରନ୍ତି। ପ୍ରତିମାଗୁଡ଼ିକ ବ୍ୟତୀତ ମନ୍ଦିରର କାନ୍ଥ ସବୁ ରଙ୍ଗୀନଭାବେ ଦେବଦେବୀଙ୍କର ଓ ଆଚାର୍ଯ୍ୟମାନଙ୍କର ଚିତ୍ରରେ ଭରି ରହିଥାଏ। ଏହି ପ୍ରତିମା ଓ ଚିତ୍ରପଟମାନ ଉଚ୍ଚମାନର ତିବ୍ବତୀୟ କଳାଶୈଳୀର ପ୍ରତୀକ। ଏଗୁଡ଼ିକସବୁ ଦୀର୍ଘସ୍ଥାୟୀ ତଥା ହୃଦୟଗ୍ରାହୀ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରକାଶ ପାଇଲା ଆର୍ଆଇ, ଅମିନ ଆଡ୍‌ମିଟ୍ କାର୍ଡ

ଭୁବନେଶ୍ୱର, ୨୬।୯(ସମିସ): ଆର୍ଆଇ, ଏଆର୍ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାରି ହୋଇଛି। ଆସନ୍ତା ୮ ତାରିଖରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଦିନକୁ ୩ଟି ଲେଖାଏଁ ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଫ୍ଟ ୧୨ଟାରୁ ୧.୩୦ଏବଂ ତୃତୀୟ ସିଫ୍ଟ ୩ ଟାରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭ ହେବାର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିପାରିବେ। ସେହିପରି ପରୀକ୍ଷା ଆରମ୍ଭର ୨୦ମିନିଟ୍ ପୂର୍ବରୁ ଗେଟ୍ ବନ୍ଦ କରାଯିବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା ହେବ। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

**୩ଟି ସିଫ୍ଟରେ ନଭେମ୍ବର ୧୩ ପର୍ଯ୍ୟନ୍ତ ପରୀକ୍ଷା**

ମୂଳରୁ ଏହି ପରୀକ୍ଷା ବିବାଦୀୟ ହୋଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାବେଳେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରିଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଫଳରେ ଆବେଦନ କରିଥିବା ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପୁଣିଥରେ ପରୀକ୍ଷା ଦେଇପାରିବେ।

**ମୁଖ୍ୟମନ୍ତ୍ରୀ ମକା ମିଶନର ପରାମର୍ଶ କର୍ମଶାଳା ଅନୁଷ୍ଠିତ**

## ରାଜ୍ୟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ମକା

ଭୁବନେଶ୍ୱର,୨୬।୯(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଧାନ ପରେ ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକା ମିଶନ କାର୍ଯ୍ୟ କରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ କହିଲେ, ରାଜ୍ୟ ସରକାରଙ୍କ ଇଥାନଲ୍ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣର ବ୍ୟବହାର ଯୋଗୁଁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତ୍ତୀ ସିଂହ ରାଠୋର କହିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି। ମକାର ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇ ଦେଉଛି। ମିଶନ ଶକ୍ତିର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତଅତିଥିଭାବେଯୋଗଦେଇଥିଲେ। ଏମଓୟୁ ସ୍ୱାକ୍ଷର କରିଥିବା ଦଶ କ୍ରେତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କୁକୁଡ଼ା ଖାଦ୍ୟ ଶିଳ୍ପ ଓ ଇଥାନଲ ଉତ୍ପାଦନ କମ୍ପାନୀ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ, ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ) ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ୩୫ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲାସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପ୍ରଥମ ଥର ପାଇଁ ଓଡ଼ିଶାରେ ସଂଗଠନ ସୃଜନ ପ୍ରକ୍ରିୟାରେ ଚୟନ ହୋଇଥିବା ସଭାପତି ତାଲିକା ଉପରେ ଏଆଇସିସି ମୋହର ବାଜିବା ପରେ ଏହି ତାଲିକା ଘୋଷଣା ହୋଇଛି। ଏହି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲା ପାଇଁ ସୁନିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ସତ୍ୟଶିବ ଦାସ, ବରଗଡ଼ ହରଦୀପ ସିଂ, ଭଦ୍ରକ ନଳିନିକାନ୍ତ ମହାନ୍ତି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ଜେନା, ବଲାଙ୍ଗିର ଅନୀଲ୍ ମେହେର, ବୌଦ୍ଧ ବିଦ୍ୟବୀନି ସାହୁ, କଟକ, ପ୍ରଦୀପ୍ତ କୁମାର ଦାସ, କଟକ ନଗର ପାଇଁ ଗିରୀବାଳା ବେହେରା, ଦେବଗଡ଼ ସେମ୍ ହେମ୍ବ୍ରମ, ଢେଙ୍କାନାଳ ଛବିରାଜ ବିଶ୍ୱାଳ, ଗଜପତି ଦାସରଥି ଗମାଙ୍ଗୋ, ଗଞ୍ଜାମ ପୂର୍ବ ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ ପଶ୍ଚିମ ରମେଶ ଚନ୍ଦ୍ର ଜେନା, ଜଗତସିଂହପୁର ଦେବପ୍ରସାଦ ନାୟକ, ଯାଜପୁର ମାଗୁଣି ବଟକୃଷ୍ଣ ଜେନା, ଝାରସୁଗୁଡ଼ା ଜୀବନ ସାର୍ଥକ ଦାସ, କଳାହାଣ୍ଡି ଜଳନ୍ଧର ନାୟକ, କନ୍ଧମାଳ ଚନ୍ଦ୍ରଶେଖର ପରିଡ଼ା, କେନ୍ଦ୍ରାପଡ଼ା ଦେବସ୍ମିତା ଶର୍ମା, କେନ୍ଦୁଝର ମନୋଜ କୁମାର ଜେନା, ଖୋର୍ଦ୍ଧା ରାଜୀବ କୁମାର ପଟ୍ଟନାୟକ, କୋରାପୁଟ ରୁପକ ତୁର୍କୁ, ମାଲକାନଗିରି ଜି ଶ୍ରିନୀବାସ ରାଓ, ମୟୂରଭଞ୍ଜ ପୂର୍ବ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ ପଶ୍ଚିମ ଭୂଷଣ ବିହାରୀ ସାହୁ, ନବରଙ୍ଗପୁର ଡଃ ଲିପିକା ମାଝୀ, ନୟାଗଡ଼ ରଞ୍ଜିତ ଦାସ, ନୂଆପଡ଼ା ଘାସିରାମ ମାଝୀ, ପୁରୀ ରାଜେଶ କୁମାର ମିଶ୍ର, ରାୟଗଡ଼ା ଅପାଲ୍ଲା କାଡ୍ରାକା ଶ୍ୱାମୀ, ରାଉରକେଲା ସବିର ହୁସେନ୍, ସମ୍ବଲପୁର ଅମିତ କୁମାର ଗୁରୁ, ସୁବର୍ଣ୍ଣପୁର ବିନୋଦ ପାତ୍ର ଓ ସୁନ୍ଦରଗଡ଼ ପାଇଁ ନିର୍ମଳ ଚନ୍ଦ୍ର ନାୟକ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଥାଉ କି ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ଏଆଇସି ପକ୍ଷରୁ ଜଣଙ୍କ ନାମ ଉପରେ ମୋହର ବାଜିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଝାରସୁଗୁଡ଼ା...

ନେଟୱର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି। ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି। ସ୍ୱଦେଶୀ ୪ଜି ନେଟୱାର୍କର ପ୍ରଚଳନ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣ ସହିତ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ବିଏସଏନଏଲ୍‌ର ୫ଜି ଅପଗ୍ରେଡ୍ ଏବଂ ଇଣ୍ଟିଗ୍ରେସନ ପାଇଁ ପଥ ପ୍ରଶସ୍ତ କରିବ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି।

### ଅବପାତ ରୂପ ନେଲା...

ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ଏବେ ମୁଣ୍ଡଳୀରେ ଅତିକ୍ରମ କରୁଛି। ସନ୍ଧ୍ୟା ସୁଦ୍ଧା ନରାଜଠାରେ ମହାନଦୀ ସତର୍କ ସଙ୍କେତ୍ ମଧ୍ୟ ପାର୍ କରିଛି। ନରାଜଠାରେ ସତର୍କ ସଙ୍କେତ ୨୫.୪୧ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ରହିଛି। ସନ୍ଧ୍ୟା ସୁଦ୍ଧା ଏଠାରେ ବନ୍ୟାଜଳ ସତର୍କ ସଙ୍କେତ ଉପରେ ଅର୍ଥାତ ୨୫.୭୧ ମିଟର ଉପରେ ପ୍ରବାହିତ ହେଉଛି। ଶନିବାର ମୁଣ୍ଡଳି ଦେଇ ୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେବାର ଆଶଙ୍କା ରହିଛି। ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇଛି। ଆଜି ଭଟ୍ଟାରିକା ପୀଠରେ ପାଣି ପଶିଥିବା ବେଳେ ମହାନଦୀ ସମ୍ପୂର୍ଣ୍ଣ ଫୁଲି ରହିଛି। ଯଦି ଶୁକ୍ରବାର ରାତିରେ ତଳ ମୁଣ୍ଡରେ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଭୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି।

ଶନିବାର ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ମାତ୍ର ଏହି ଅବପତା ଓଡ଼ିଶା ଅତିକ୍ରମ କରିବା ପରେ ପୁଣି ଏକ ଲଘୁଚାପ ଆସନ୍ତା ୨ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁ ନଦୀରେ ଜଳସ୍ତର ଉଚ୍ଚା ରହିଥିବାରୁ ଆସନ୍ତା ଲଘୁଚାପକୁ ନେଇ ମଧ୍ୟ ଡର ବଢ଼ିଛି। ୨ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା କରାଇପାରେ। ତେଣୁ ଆସନ୍ତା ଲଘୁଚାପ ଉପରେ ଏବେଠାରୁ ନଜର ରହିଛି।

### ବର୍ଷା, ବନ୍ୟା ସ୍ଥିତି...

ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଏହି ଆଲୋଚନାରେ, ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ଏବଂ ଏହାର ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରିବା ସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର୍ ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ବିଶେଷକରି, ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍ସନ୍, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁଣ୍ଡଳୀରେ ପହଞ୍ଚିଲା...

ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ମୁଣ୍ଡଳୀ ବ୍ୟାରେଜ୍‌ର ଜଳସ୍ତର ବିପଦ ସଂକେତ ଉପର ମୁଣ୍ଡରେ ୯୭.୨୫ ଫୁଟ୍ ଏବଂ ତଳ ମୁଣ୍ଡରେ ୯୫.୦୫ ଫୁଟ୍ ରହିଛି। ମୁଣ୍ଡଳୀ ଦେଇ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡରେ କିମ୍ବା ତଳମୁଣ୍ଡରେ ଥିବା ନଦୀକୂଳିଆ ଅଞ୍ଚଳରେ ବନ୍ୟା ଦେଖାଦେଇଥାଏ। ଯେହେତୁ ବର୍ତ୍ତମାନ ମୁଣ୍ଡଳୀରେ ସେଭଳି କୌଣସି ବିପଦ ସଂକେତ ନାହିଁ, ତଥାପି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳର ଲୋକଙ୍କ ମନରେ ଏକପ୍ରକାର ଭୟ ଦେଖାଦେଇଛି।

### ବ୍ରାଣ୍ଡେଡ୍ ଔଷଧ...

ଲଗାଇଥିବାବେଳେ କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦% ଏବଂ ଭାରୀ ଟ୍ରକ୍ ଉପରେ ୩୦% ଶୁଳ୍କ ଲଗାଇଛନ୍ତି। ଏହି ନୂଆ ଟାରିଫ୍ ଅକ୍ଟୋବର ପହିଲାରୁ ଲାଗୁ ହେବ।

ଟ୍ରମ୍ପ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅକ୍ଟୋବର ପହିଲାରୁ ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ହୋଇଥିବା ଔଷଧ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ ହେବ। ତାଙ୍କ ନିଷ୍ପତ୍ତି କେବଳ ଆମେରିକାରେ ନିଯୁକ୍ତି ବୃଦ୍ଧି କରିବ ନାହିଁ ବରଂ ବିଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବ। ଏହା ଆମେରିକୀୟ କାରଖାନାଗୁଡ଼ିକୁ ଆହୁରି ମଜବୁତ କରିବ। ଏବେ ଟ୍ରମ୍ପ୍ ଔଷଧ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି, ଯାହା ଔଷଧ ଏବଂ ରୋଷେଇ କ୍ୟାବିନେଟ୍ ଉଭୟର ମୂଲ୍ୟ ବୃଦ୍ଧି କରିବ। ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି ଯେ ସମସ୍ତ ବ୍ରାଣ୍ଡେଡ୍ ଏବଂ ପେଟେଣ୍ଟ ଔଷଧ ଉତ୍ପାଦଗୁଡ଼ିକ ଅକ୍ଟୋବର ପହିଲାରୁ ୧୦୦% ଶୁଳ୍କ ଲାଗୁ ହେବ। ଏହାଦ୍ୱାରା ଆମେରିକାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଔଷଧ କମ୍ପାନୀଗୁଡ଼ିକ ଶୁଳ୍କ ରିଆତି ପାଇବେ। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଶୁଳ୍କ ଭାରତୀୟ ଔଷଧ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଆମେରିକା ପ୍ରତିବର୍ଷ ବିଦେଶରୁ ବହୁ ସଂଖ୍ୟକ ଔଷଧ ଆମଦାନୀ କରିଥାଏ। ଔଷଧ ଉପରେ ଶୁଳ୍କ ବୃଦ୍ଧି କେବଳ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ପ୍ରଭାବିତ କରିବ। କାରଣ କେବଳ ଗତ ବର୍ଷ ଆମେରିକା ଭାରତରୁ ୨୩୩ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣିଥିଲା। ଏପରି ପରିସ୍ଥିତିରେ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଔଷଧ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ।

### ପ୍ରିୟାଂଶୁ ପାଲ୍...

ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୋଭନ୍ ପଟ୍ଟନାୟକ ତୃତୀୟ, ମିର୍ଜା ଫୈଜ ଅହମ୍ମଦ କ୍ୱାଦ୍ରି ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ ସପ୍ତମ, ମହମ୍ମଦ ନାଜିଫ ହାତିଫ ଅଷ୍ଟମ, ଚିନ୍ମୟ କୁମାର ପାଢ଼ୀ ନବମ ଓ ମିଳନ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୧୪୪ଜଣ ଅର୍ଥାତ୍ ମାତ୍ର ୩୬ପ୍ରତିଶତ ମହିଳା ପ୍ରାର୍ଥୀ ଅଛନ୍ତି।

ଚଳିତଥର ଟପର୍ ହୋଇଥିବା ଅନୁଗୋଳ ତୁରଙ୍ଗର ବାସିନ୍ଦା ପ୍ରିୟାଂଶୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ବାପା ସେନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଛନ୍ତି। ତାହା ତାଙ୍କୁ ଲୋକଙ୍କ ସେବା କରିବାକୁ ପ୍ରେରିତ କରିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତା ପାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ବୁଝିବା ପରେ ସ୍ୱଚ୍ଛତାର ସହ କାର୍ଯ୍ୟନିର୍ବାହ କରିବାକୁ ଉଦ୍ୟମ କରିବେ। ସେହିପରି ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନାଗୁଡ଼ିକୁ ସଫଳ ରୂପାୟନ କରିବାକୁ ପ୍ରାଥମିକତା ଦେବେ। କାର୍ଯ୍ୟାଳୟକୁ ଆସି ଯେମିତି କୌଣସି ଲୋକ ଫେରିନଯିବେ, ସେଥିପାଇଁ ତତ୍ପର ରହିବେ। ଚାକିରିରେ ଥାଇ ମଧ୍ୟ ତାଙ୍କ ଭଉଣୀ ଗତବର୍ଷ ଓଏଏସ୍ ପାଇଥିଲେ। ଏହା ମଧ୍ୟ ତାଙ୍କୁ ପଢ଼ିବାକୁ ପ୍ରେରିତ କରିଥିଲା। ଗତ ଜାନୁଆରୀରୁ ସେ ଚାକିରି ଛାଡ଼ି ପୂର୍ଣ୍ଣ ପ୍ରସ୍ତୁତି କରୁଥିଲେ।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନନ୍ୟା ପୂର୍ବରୁ ଓଜେଏସ୍ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ଜଜ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି, ରାଙ୍କର ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଲୋକଙ୍କ ସେବା କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବାକୁ ମନସ୍ଥ କରିଥିଲେ। କିନ୍ତୁ ନ୍ୟାୟପାଳିକାର କିଛି ପ୍ରତିବନ୍ଧକ ପାଇଁ ତାଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଓସିଏସ୍ ପରୀକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରି ଦ୍ୱିତୀୟ ପ୍ରୟାସରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ସହ ମିଶି ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଜଜ୍ ଭାବେ ଘଟଣା ଘଟିବା ପରେ ରାୟ ଦେଇଥା'ନ୍ତେ; ହେଲେ ପ୍ରଶାସନିକ ଅଧିକାରୀ ଭାବେ ଏହା ପୂର୍ବରୁ ଲୋକଙ୍କ ପାଖରେ ପହଞ୍ଚି ପାରିବା ଆତ୍ମସନ୍ତୋଷ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ପ୍ରମାଣପତ୍ର ଯାଞ୍ଚ ସମୟରେ ୨ଜଣ ପ୍ରାର୍ଥୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ଜାତି ପ୍ରମାଣପତ୍ର ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନପାରିବାରୁ ଦୁଇ ଜଣଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କର୍ମଚାରୀ ଭାବେ ତଥ୍ୟ ଦେଇଥିବା ୩ଜଣ ଅଧିକାରୀଙ୍କୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ଓସିଏସ୍ ମୁଖ୍ୟ ପରୀକ୍ଷା ଚଳିତବର୍ଷ ଏପ୍ରିଲ ୧୯, ୨୦, ୨୨, ୨୪, ୨୭ ଏବଂ ମେ' ୧୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସେପ୍ଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପରେ ଓପିଏସ୍‌ସି ୩୯୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି।

**PUBLIC NOTICE**

This NOTICE is hereby given that my client Mr. DASARATHI SAHOO, S/O RANKANATH SAHOO has lost Original Regd. Sale Deed No. 4736, dtd. 08/08/1966 Deed details : Khata No- 55, Plot No. 62 Mouza- Cheunkasahi, P.S./ Tahasil- Banpur, Dist- Khurda, Odisha and a FIR (complaint no. 2448300207250016) for the same has been lodged at Banpur Police Station on 25th September 2025. All person / persons are hereby informed to put their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidencefrom appearance of this notice. If deed is not found within 15days, then the certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubaneswar Court
Ph: 7008005419

**AFFIDAVIT**

By virtue of an affidavit before the Notary Public, Titilagarh, on dated-11/09/2025. I, **Truptimayee Mishra** (new name), formerly called as Truptimayee Pujahari (old name), Wife of Ghanashyam Mishra, permanent resident of AT/PO/PS: Titilagarh (Hatpada Pada, Ward No.14), Dist- Bolangir, (Odisha), PIN-767033 declare that I have changed my name from **Truptimayee Pujahari** (old name) to **Truptimayee Mishra** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Truptimayee Mishra** (new name).

**Truptimayee Mishra**

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2409/P&S/2025-26 | Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | **Glow Sign Board:** Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

**AFFIDAVIT**

I, Behera Dinesh Kamlakanta, S/o Kamalakanta Behera , resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as **Dinesh Kamalakanta Behera** for all future purposes.

**AFFIDAVIT**

I, Kamlakanta Behera, S/o-Raghunath Behera, resident of At/Po/Ps-Bhograi, District-Balasore, pin-756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

By virtue of an affidavit Sl. No. 2515, dtd. 26.09.2025 in the court of the Executive Magistrate, Phulbani, Dist.-Kandhamal, I, Kanistha Pradhan have changed my minor son's name from Kritikrisan Pradhan to Kritik Rasan Pradhan. Henceforth he will be known as Kritik Rasan Pradhan for all purposes.

Sd/- Kanishta Pradhan

**AFFIDAVIT**

By virtue of an affidavit sworn before Notary Public, Bhadrak, dtd. 10.09.2025, I, Manasi Jena, Apartibindha (New Colony), Bhadrak declare that I have changed the name of my son from Rudra Kumar Mallik to Nitesh Kumar Jena. Henceforth he shall be known as Nitesh Kumar Jena for all purposes.

Manasi Jena

**AFFIDAVIT**

I, Smt. Sulochana Ganda, D/o-Sri Raghu Ganda, W/o- Sri Laxmidhar Nayak, At-Balighat, Gopalpur Road, P.O.- Baliguali, P.S-Penthakata Marine, Dist Puri, Odisha-752002 by virtue of an affidavit before the Executive Magistrate, Puri on 20.05.2025 have changed my name to Smt. Rina Nayak for all purposes.

Rina Nayak

**AFFIDAVIT**

By virtue of an affidavit sworn before 319, dated-10/09/25, I Sri Chhatish Chandra Mohanta Address: At-Fulbadia, Po-Gadigan, Ps- Morada, Mayurbhanj, Odisha, Pin-757018 declare that I have changed my daughter's name from RAJI MOHANTA (old name) to JENNIFER MOHANTA (new name) Henceforth, she shall be known as JENNIFER MOHANTA (new name) for all future purposes.

Chhatish Chandra Mohanta

**AFFIDAVIT**

I, Sujita Kumr Patra S/o Sitaram Patra, Resident of Village/Po- Gunthapada, PS- Aska, Dist- Ganjam, Odisha, PIN- 761115 declare by this affidavit No.32243 dtd 25.09.2025 that now onwards I shall be known as **SUJITA KUMAR PATRA** for all future purposes.


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112


**AFFIDAVIT**

I, Raghunath Khuntia, S/o- Bhima Khuntia , resident of At-Balidihi, Banapur, Dist-Khurda, Pin- 752031, Odisha declared by this affidavit No.783, dtd- 25/09/2025 that now onwards I shall be known as **KANDHA KHUNTIA** for all future purposes.

**AFFIDAVIT**

I, Navita Narayan Chavan, D/o- Narayan Chavan, resident of Plot No. L-42, Phase-3, Dumduma HB Colony, Bhubaneswar, Dist-Khurda, Pin- 751019, Odisha declared by this affidavit No. 62AA 420795, dtd-11/05/2023 that now onwards I shall be known as **NAVITA N** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. Affidavit No. -2276, I Parvatee Chhualasingh, Address-Chhotijodi, Po.- Haladiapada, Ps.- Kanas, Dist- Puri, Pin-752060 declare that my Name from **Parei Chhualasingh** to **Parvatee Chhualasingh**. Henceforth, i shall be known as **Parvatee Chhualasingh** for all purposes.

**AFFIDAVIT**

I, Prashanta Kumar Barik,S/O-Khandeswar Barik, At/Po- Narendra-pur, Ps.- Banpur, Dist.-Khordha, Pin- 752031 Odisha declare by this affidavit no.-3653, dtd. 25/09/2025 that now onwards I shall be known as **PRASANTA KUMAR BARIK** for all future purposes.

**AFFIDAVIT**

I,Bali Behera S/o-Bhikari Behera, Resident of Kanjiasahi Mundula, Mundula, Ganjam, Odisha, PIN-761032 Odisha declared by that Affidavit No.1087/ 2025 Dated: 26.09.2025. That now onwards I shall Be Known As **Balaram Behera** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. I Satya Ranjan Sahoo, Address- Champapur, Po.-Gadaniala, Ps.- Khordha, Odisha, Pin-752055 declare that I have changed the Name of my daughter from **Shreyanshi Priyadarshini Sahoo** to **Shreyanshi Sahoo**. Henceforth, she shall be known as **Shreyanshi Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th September 2025, CF No - 01, I Rajendra Banchhor aged about 35 years son of Late Nandalal Banchhor, resident of village Kotana, PO/PS.-Jharbandh, Dist.- Bargarh, Pin-768042 hereby declares that for and on behalf of my minor son Suraj Banchhor. I have changed my minor son's name from **Surah Banchhor (DOB-28.08.2015)** to **Suraj Banchhor (DOB-18.05.2014)**. Hence he will be known as **Suraj Banchhor** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 1042 dtd. 26.09.2025, I, Sri Spandan Keshori Rout, S/o- Late Sangram Kesori Rout resident of MI Colony, Chamuriaguda, Nabarangpur state that, my son's original name spelling is **Sambhram Keshori Rout** but in the PM Shri Kendriya Vidyalaya School record his name has been wrongly entered as **Sambraham Keshori Rout.** That **Sambraham Keshori Rout** and **Sambhram Keshori Rout** is one and same person.

Sd/- **Spandan Keshori Rout**

**PUBLIC NOTICE**

Sale Deed No. 11131804036/2018 dated-11.05.2018 relating to Plot No. 754/2637, Khata No. 81, Mouza: Bhubaneswar City, Unit-20, Jagmara has been destroyed due to termite damage. Any person dealing with the said property based on this document does so at their own risk & we shall not be responsible. Owner name- Padmabati, Suchita, Sunita, Sujata Goenka, Contact number- 9437579712

**AFFIDAVIT**

By virtue of an affidavit sworn before The Notary Public, Sunabeda dated 25/09/2025 I Sri. Sunil Pujari, S/o- Narayana Pujari, Vill:- Andaraguda, Po.- Panthalung, Ps.- Padwa, District- Koraput declare that I have changed my name from **Sunil Kumar Khada**, S/o- Suriya Khada to Sunil Pujari, S/o- Narayana Pujari. Henceforth, I shall be known as **Sunil Pujari** for all purposes.

Sd/- **Sunil Pujari**

ବର୍ଷାରେ ଫିକା ପଡ଼ିବ ପୂଜା!

# ବାଲେଶ୍ୱରରେ ୨୯ ଯାଏଁ ବର୍ଷା, ୟେଲୋୱାର୍ଣ୍ଣିଂ ଜାରି

## ବିଭିନ୍ନ କମିଟି ପକ୍ଷରୁ ଅଧା ପ୍ରସ୍ତୁତି, ଲାଇଟ୍‌କାମରେ ବାଧକ ସାଜୁଛି ବର୍ଷା

ବାଲେଶ୍ୱର,୨୬।୯(ସମିସ)





ଲଘୁଚାପଜନିତ ବର୍ଷା ବାଲେଶ୍ୱରରେ ଲାଗି ରହିଛି। ଫଳରେ ଫିକା ପଡ଼ିପାରେ ପୂଜା। କାରଣ ସାଜସଜ୍ଜା ଓ ପ୍ରସ୍ତୁତିରେ ବାଧକ ସାଜୁଛି ବର୍ଷା। ବାଲେଶ୍ୱର ସହରରେ ତୁହାକୁ ତୁହା ବର୍ଷା କମିଟି ସଦସ୍ୟଙ୍କୁ ଚିନ୍ତାରେ ପକାଇଛି। ଚିନ୍ତାରେ ପଡ଼ିଛନ୍ତି ମୂର୍ତ୍ତି ଓ ତୋରଣ କାରିଗର। କାହାର ତୋରଣ କାମ ଅଧା ହୋଇଛି ତ କାହାର ମୂର୍ତ୍ତି ନିର୍ମାଣ କାମ ଶେଷ ହୋଇପାରୁନି। ପୂଜା କାମ କରେଇ ଦେଉନି ଏହି ଲଘୁଚାପ ଜନିତ ବର୍ଷା। ବାଲେଶ୍?ର ସହରରେ ବିଭିନ୍ନ ମଣ୍ଡପରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏବେ ବର୍ଷା ବାଧକ ସାଜୁଛି। ଆଉ ଦିନକ ପରେ ଆରମ୍ଭ ହେବ ଦୁର୍ଗା ପୂଜା। ସବୁଠି ଉତ୍ସବର ମାହୋଲ। ଲାଇଟ୍ ସାଜସଜ୍ଜା ଚାଲିଛି। ବଜାରରେ କିଣିକିଣି ବି ଚାଲିଛି। ହେଲେ ହଠାତ୍ ଏହି ଲଘୁଚାପଜନିତ ପୂଜା ପ୍ରସ୍ତୁତିରେ ବାଧକ ସାଜୁଥିବା ଦେଖିବାକୁ ମିଳିଛି। ବାଲେଶ୍ୱର ସହରରେ ବିଭିନ୍ନ ମଣ୍ଡପରେ ମାଆଙ୍କ ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ବିଭିନ୍ନ ଥିମ୍ ରେ ନୂଆ ତଥା ଆକର୍ଷଣୀୟ ତୋରଣ ବାଲେଶ୍ୱର ସହରରେ ଦେଖିବାକୁ ମିଳେ ପ୍ରତିବର୍ଷ। କିନ୍ତୁ ଏବେ ଲଗାଣ ବର୍ଷା ଉତ୍ସାହକୁ ଫିକା କରିଦେଇଛି। ବର୍ଷା ଯୋଗୁଁ ତୋରଣଠୁ ଆରମ୍ଭ କରି ମୂର୍ତ୍ତି କାମ ଅଟକିଛି। ଲକ୍ଷାଧିକ ଟଙ୍କାର ପୂଜା ବଜେଟ୍। କାମ ପାଇଁ ଆଗୁଆ ଟଙ୍କା ବି ଦିଆ ସରିଛି। ହେଲେ ଏବେ କାମ ସମ୍ପୂର୍ଣ୍ଣ ହୋଇପାରୁନି। କେମିତି ପ୍ରସ୍ତୁତି ସରିବ ସେନେଇ ଚିନ୍ତାରେ। 'ଦୁର୍ଗା ପୂଜା ଏକ ନିଆରା ପୂଜା। ପାର୍ବଣ ଆସିଲେ ଦୁର୍ଗା ପୂଜାରେ ଏକ ମହୋଲ କିଛି ଅଲଗା ପ୍ରକାର ର ଲାଗେ। ଯେମିତି ଘରେ ସମସ୍ତ ଙ୍କ ର ନୂଆ ଡ୍ରେସ, ଘରକୁ ଝିଅ ଜୱାଇଁ ଆସିବା, ବାହାରେ ରହି କାମ କରୁଥିବା ବା ଚାକିରି କରୁ ଥିବା ଲୋକ ଘର କୁ ଫେରିବା, ଘର ମାନଙ୍କ ରେ ପିଠା ମିଠା ରେ ଘରେ ଖୁସି ର ଗୁଟେ ଅଲଗା ପ୍ରକାର ମାହଲ ତିଆରି ହୁଏ। ସମସ୍ତ ପୂଜା କମିଟିରେ ମେମ୍ବରମାନେ ତ ବହୁତ ପରିଶ୍ରମ କରି ଏକ ମାସ ଆଗରୁ ନିଜ ନିଜର ପୂଜା ପେଣ୍ଡାଲକୁ ସଜେଇବା କାମ କରୁଛନ୍ତି। ଏବର୍ଷ ଗଣେଶ ପୂଜା, ବିଶ୍ୱକର୍ମା ପୂଜା ଏବଂ ଦୁର୍ଗା ପୂଜା ପାଖାପାଖି ପଡ଼ି ଥିବାରୁ ଟିକେ ଅସୁବିଧା ହଉଛି, ତାପରେ ଲଘୁଚାପ ବର୍ଷା ଟିକେ ଏବର୍ଷ ଟିକେ ଅଧିକ ହଉଛି କିନ୍ତୁ ଆମର ବିଶ୍ୱାସ ସବୁ ଠିକ ହେଇଯିବ ଆଉ ଏ ବର୍ଷ ଦୁର୍ଗା ପୂଜା ବି ଧୂମ ଧାମ ରେ ପାଳିତ ହେବ। ପାଖା ପାଖି ସବୁ ପେଣ୍ଡାଲ ର କାମ ଅନ୍ତିମ ପର୍ଯ୍ୟାୟରେ ଠିକ ସମୟ ବେଳକୁ ସବୁ କାମ ସରିଯିବ' ବୋଲି ମଧୁଆ ମିଲ୍ ଦୁର୍ଗା ପୂଜା କମିଟି ସଭାପତି ବିକାଶ ପାତ୍ର କହିଛନ୍ତି। ସେହିପରି ସହଦେବଖୁଣ୍ଟା ସାର୍ବଜନୀନ ଦୁର୍ଗାପୂଜା କମିଟି ସମ୍ପାଦକ ଶଶି ଶେଖର ମହାନ୍ତି କହିଛନ୍ତି, 'ଆମର କାମ ୫୦ ପ୍ରତିଶତ ବି ସରିନାହିଁ। ବର୍ଷା ପାଇଁ ଏବେ ଅସୁବିଧା ହେଉଛି। ଲାଇଟ୍, ସାଜସଜ୍ଜା କାମ ସରିନି। ବର୍ଷା ପାଇଁ ଅସୁବିଧା ହେଉଛି। ବର୍ଷା ପାଇଁ କାମ ଅଟକି ରହିଛି। ପୂଜା ସମୟରେ ବର୍ଷା ହେଲେ ପୂଜା ନିଶ୍ଚୟ ଫିକା ପଡ଼ିବ'। ସେପରି ଆସନ୍ତା ୨୯ ତାରିଖ ସକାଳ ୮ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱରରେ ବର୍ଷା ରହିଛି ସେଥିପାଇଁ ବାଲେଶ୍ୱର?ରେ ଯେଲୋ ୱାର୍ଣ୍ଣିଂ ଜାରି ରହିଛି। ୨୯ ତାରିଖରୁ ୨ ତାରିଖ ସକାଳ ୮.୩୦ ଘଟିକା ପର୍ଯ୍ୟନ୍ତ ବର୍ଷା ନାହିଁ ଏବଂ ବାଲେଶ୍ୱର ପାଇଁ କିଛି ୱାର୍ଣ୍ଣ ନାହିଁ ବୋଲି ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି।

# ଓପିଏସ୍‌ସି ପରୀକ୍ଷାରେ ୨୯ ରାଙ୍କରେ ବାଲେଶ୍ୱରର କଲ୍ୟାଣୀ



ବାଲେଶ୍ୱର,୨୬।୯(ସମିସ): ଓପିଏସ୍‌ସି (ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା) ରେ ବାଲେଶ୍ୱରର ଝିଅ ଗର୍ବ ଆଣିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଗୋବର୍ଦ୍ଧନପୁର ଗ୍ରାମର କଲ୍ୟାଣୀ ସାହୁ। ସେ ଦ୍ୱିତୀୟ ଉଦ୍ୟମରେ ଓଏଏସ୍ ପରୀକ୍ଷାରେ ୨୯ ନମ୍ବର ର଼୍ୟାଙ୍କ ହାସଲ କରିଛନ୍ତି। କଲ୍ୟାଣୀଙ୍କ ବାପା ରବୀନ୍ଦ୍ର ନାଥ ସାହୁ ରେଳ ବିଭାଗରେ ଚାକିରି କରିଥିବା ବେଳେ ମାଆ ଇନ୍ଦୁବାଳା ସାହୁ ଗୃହିଣୀ। ପ୍ରକାଶ ଥାଉ କି, କଲ୍ୟାଣୀ କଳିକତାସ୍ଥିତ କନ୍‌ଭେଣ୍ଟ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିବା ବେଳେ ବାଲେଶ୍ୱର ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତଦୁଇ ବିଜ୍ଞାନରେ ପାସ୍ ହୋଇଛନ୍ତି। ସେହିପର ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ଯୁକ୍ତତିନି (ପ୍ରାଣୀ ବିଜ୍ଞାନ ସମ୍ମାନ) ପାସ୍ କରିଛନ୍ତି। ସେ ମୟୂରଭଞ୍ଜ ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୦୨୧ରୁ ଓଏଏସ୍ ଓ ଆଇଏଏସ୍ ପାଇ ପ୍ରସ୍ତୁତ ଚଳାଇଥିଲେ। ତେବେ କଲ୍ୟାଣୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ୨୨୨ ରାଙ୍କରେ ରାକ୍ଷୀ ବିଶ୍ୱାଳ

ବାଲେଶ୍ୱର: ଓପିଏସ୍‌ସି ପରୀକ୍ଷାରେ ବାଲେଶ୍ୱରର ଝିଅ କୃତକାର୍ଯ୍ୟ ହୋଇ ଗର୍ବ ଆଣିଛନ୍ତି। ସେ ହେଉଛନ୍ତି ସହରର ଭୋଇସାହି ଅଞ୍ଚଳର ରାକ୍ଷୀ ବିଶ୍ୱାଳ। ସେ ଦ୍ୱିତୀୟ ପ୍ରେଚେଷ୍ଟାରେ ୨୨୨ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କ ପରିବାର ଲୋକଙ୍କ ଅନେକ ସହଯୋଗ ରହିଥିବା ସେ କହିଛନ୍ତି। ବିନା କୋଚିଂରେ ନିଜ ପ୍ରଚେଷ୍ଟାରେ ପଢ଼ି ଏହି ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ରାକ୍ଷୀ ଏଗ୍ରିକଲ୍‌ଚରରେ ପିଏଚ୍‌ଡି କରୁଥିବାବେଳେ ଦୁଇବର୍ଷ ପୂର୍ବରୁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ରାକ୍ଷୀଙ୍କ ବାପା ସୁଜୟ କୁମାର ବିଶ୍ୱାଳ ଜଣେ ପୂର୍ବତନ ସେନା କର୍ମଚାରୀ ହୋଇଥିବାବେଳେ ଏବେ ସେ ବ୍ୟାଙ୍କରେ କାମ କରୁଛନ୍ତି। ରାକ୍ଷୀଙ୍କ ମା' ପ୍ରଭାସିନୀ ବିଶ୍ୱାଳ ଜଣେ ଗୃହିଣୀ। ରାକ୍ଷୀ ମାଟ୍ରିକ୍ ଓ ଯୁକ୍ତଦୁଇ କେନ୍ଦ୍ରୀୟ ବିଦ୍ୟାଳୟରୁ ପାସ୍ କରିଥିବା ଯୁକ୍ତତିନି ସମ୍ବଲପୁର ଓୟୁଏଟି, ପିଜି ଭୁବନେଶ୍ୱର ଓୟୁଏଟିରୁ ପାସ୍ କରି ସେହିଠାରେ ପିଏଚ୍‌ଡି କରୁଛନ୍ତି। ରାକ୍ଷୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଅଟୋ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ବାରିପଦା, ୨୬।୯(ସମିସ): ନୁରୁଡ଼ିହି ଛକ ନିକଟରେ ଅଜଣା ଅଟୋ ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ଥାନା ଅଧୀନ ନାଉପାଳ ଗ୍ରାମର ସୁମିତ୍ରା ସିଂ। ସେ ସ୍କୁଟିରେ ଯାଉଥିବା ବେଳେ ନୁରୁଡ଼ିହି ଛକ ନିକଟରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଏବଂ ପରେ କଟକ ସ୍ଥିତ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।


# ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ମହୁଲଡିହା, ୨୬।୯(ସମିସ): ପାର୍ବଣ ଅବସରରେ ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ବ୍ଲକର ଏକାଧିକ ଗ୍ରାମରେ ଚଢ଼ାଉ ପ୍ରକ୍ରିୟା ଜାରି ରହିଛି। ପ୍ରକାଶ ଥାଉ କି ୨୫ ତାରିଖ ଚମ୍ପାଝର ପଞ୍ଚାୟତରେ ମଦ ସହିତ ଜଣକୁ ଗିରଫ ଏବଂ ଆଜି ୨୬ ତାରିଖ କେଶଡିହା ଗ୍ରାମର ଅଭିଯୁକ୍ତ ବିର୍ସା ବଦ୍ରା (୩୬) ୧୪ ଲିଟର ମହୁଲି ମଦ ବିକ୍ରି କରିବାକୁ ଆଣୁଥିବା ସମୟରେ ଅବକାରୀ ବିଭାଗ ଜବତ କରିଛି। ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକ ଏକ ମାମଲା ରୁଜୁ କରି ଜାମିନ ନାମଞ୍ଜୁର ହେବାରୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବହଳଦା, ୨୬।୯(ସମିସ): ବହଳଦା ପାତ୍ରସାହିର ଜଣେ ବ୍ୟକ୍ତି ନିଖୋଜ ଥିବାବେଳେ ନିକଟସ୍ଥ ଜଳାଶୟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କାଠିଆ ପାତ୍ର (୬୬)। ସୂଚନାନୁଯାୟୀ, ଗତ ମଙ୍ଗଳବାର କାଠିଆଙ୍କୁ ପୁଅ ବଂଶି ପାତ୍ର ବସତିରେ ଥିବା ଘରକୁ ଯିବା ପାଇଁ କହି ଛାଡ଼ିବାସହ ବହଳଦା ବଜାର ପଟକୁ ଯାଇଥିଲେ। ହେଲେ ଘରକୁ ଫେରି ଦେଖିଲା ବେଳକୁ ତାଙ୍କ ପିତା କାଠିଆ ଘରେ ପହଞ୍ଚି ନଥିଲେ। ଖୋଜାଖୋଜି କରି ନପାଇବାରୁ ତାଙ୍କ ପୁଅ ବଂଶି ପାତ୍ର ପିତା କାଠିଆ ପାତ୍ର ନିଖୋଜ ଥିବାନେଇ ବହଳଦା ଥାନାରେ ୨୪ ତାରିଖ ସୂଚନା ଦେଇଥିଲେ। ଏନେଇ ନିଖୋଜ ମାମଲା ରୁଜୁ କରାଯାଇଥିଲା। ତେବେ ଆଜି ବସତି ଲୋକେ ନିକଟସ୍ଥ ଭାଗ୍ୟ ପୋଖରୀରେ ମୃତଦେହ ଭାସୁଥିବା ନେଇ ବହଳଦା ଥାନାରେ ସୂଚନା ଦେଇଥିଲେ। ପରେ ବହଳଦା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ବହଳଦା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ। ପରିବାର ଲୋକେ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି।

# ନୂଆସାହି ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ଦିବସ




କପ୍ତିପଦା, ୨୬।୯(ସମିସ): ନୂଆସାହି ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ପକ୍ଷରୁ ଏନଏସଏସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ଡ଼ଃ. ଲିପିକା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ପୂର୍ବତନ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜିକା ଉଷା ଶତପଥୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ନିଜ ନିଜର ବାସ୍ତବ କାର୍ଯ୍ୟ ଉପରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ନିଃସ୍ୱାର୍ଥପର ସେବା କରିବାକୁ ସ୍ୱେଚ୍ଛସେବୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନିହାର ରଞ୍ଜନ ବାସ, ଚନ୍ଦ୍ରମୋହନ ପରିଡ଼ା, ସଞ୍ଜୟ କୁମାର ସେନାପତି, ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସଞ୍ଜୟକୁମାର ସେନାପତି ଅତିଥି ପରିଚୟ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଲମ୍ବୋଦର ବାରିକ ଜାତୀୟ ସେବା ଯୋଜନାର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୟୂରଭଞ୍ଜର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଦେବେନ୍ଦ୍ର ଆଚାର୍ଯ୍ୟ ଭିଡିଓ କନଫରେନସି ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗଞ୍ଜେଇ ଜବତ; ଜଣେ କୋର୍ଟଚାଲାଣ

କରଞ୍ଜିଆ, ୨୬।୯(ସମିସ): ଅବକାରୀ ବିଭାଗ ପକ୍ଷରୁ ଗୁରୁବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଚଢ଼ଉ କରାଯାଇଥିଲା। ଚଢଉ ସମୟରେ ଟାଙ୍ଗିଆ ଗ୍ରାମର ରାଜକିଶୋର ଭୋଇ (୫୩) ଙ୍କ ନିକଟରୁ ୧୨ କେଜି ଗଞ୍ଜେଇ ଜବତ ହୋଇଛି। ଚଢଉରେ ଅବକାରୀ ଉପ ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା, ନିରୀକ୍ଷକ ବିନୟ ତିର୍କୀ, କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ ଏବଂ କରଞ୍ଜିଆ ଅବକାରୀ ବଳ ସାମିଲ ଥିଲେ।

# ହାଇସ୍କୁଲରେ ସାଇକଲ ଷ୍ଟାଣ୍ଡ ନିର୍ମାଣ ଦାବି

ଶୁକୃଳି, ୨୬।୯(ସମିସ): ଶୁକୃଳି ବ୍ଲକ ଜାମୁନାଳିଆ ହାଇସ୍କୁଲରେ ସାଇକଲ ଷ୍ଟାଣ୍ଡ ନଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ହେଉଥିଲେ ହେଁ ସାଇକଲ ଓ ବାଇକ ପାଇଁ ଷ୍ଟାଣ୍ଡ ନିର୍ମାଣ ହୋଇପାରିନାହିଁ। ସେହିପରି ପାନୀୟ ଜଳ ବ୍ୟବସ୍ଥା ନଥିବା ସହିତ ଗୃହର ଛାତରୁ କଂକ୍ରିଟ ଖସୁଛି। ତୃତୀୟ ଶ୍ରେଣୀ କକ୍ଷ ବାହାରେ ଚଟାଣରେ ଲାଗିଥିବା ଟାଇଲଗୁଡିକ ମଧ୍ୟ ଉଠି ଗଲାଣି। ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନଳକୂପରେ ପକ୍କା ଚାନ୍ଦିନୀ ନିର୍ମାଣ ଦାବି

ରାଇରଙ୍ଗପୁର, ୨୬।୯(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକର ବାଘିଆଟାଙ୍ଗର



ଗ୍ରାମବାସୀ ନଳକୂପ ଉପରେ ନିର୍ଭର କରନ୍ତି। ହେଲେ ଗାଁରେ ଥିବା ନଳକୂପର ମୂଳରେ ପକ୍କା ଚାନ୍ଦିନୀ ହୋଇନାହିଁ। ଫଳରେ ନଳକୂପ ମୂଳରେ ପାଣି ଜମିରହୁଛି। ସେହି ଦୂଷିତ ପାଣି ପାଇପ ମୂଳରେ ଭିତରକୁ ଯାଉଛି। ଲୋକେ ବାଧହୋଇ ସହି ଦୂଷିତ ପାଣି ବ୍ୟବହାର କରୁଛନ୍ତି। ତେଣୁ ଗ୍ରାମବାସୀ ସେଠାରେ ପକ୍କା କଂକ୍ରିଟ ଚାନ୍ଦିନୀ ନିର୍ମାଣ ପାଇଁ ଦାବି କରୁଛନ୍ତି।

# ମୟୂରଭଞ୍ଜ ଡାକମଣ୍ଡଳ ପକ୍ଷରୁ ହିନ୍ଦୀପକ୍ଷ ପାଳିତ

ବାରିପଦା, ୨୬।୯(ସମିସ): ସରକାରୀ କର୍ମଚାରୀଙ୍କ ମଧ୍ୟରେ ରାଷ୍ଟ୍ର ଭାଷା ହିନ୍ଦୀ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଏହାର ବ୍ୟବହାର ସମ୍ପର୍କରେ ମୟୂରଭଞ୍ଜ ଡ଼ାକ ମଣ୍ଡଳ ପକ୍ଷରୁ ହିନ୍ଦୀ ପକ୍ଷ ପାଳିତ ହୋଇଛି। ଏହି ଅବସରରେ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହିନ୍ଦୀ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଡ଼ାକ କର୍ମଚାରୀ ଭାଗ ନେଇଥିଲେ। ମୟୂରଭଞ୍ଜ ଡ଼ାକ ମଣ୍ଡଳର ଅଧୀକ୍ଷକ ଜଗଦୀଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଡାକ ଉପ ଅଧୀକ୍ଷକ ପ୍ରଣବ କୁମାର ମିଶ୍ର ଓ ଡ଼ାକ ନିରୀକ୍ଷକ କୁମାର ପ୍ରସାଦ ଜେନା ଯୋଗ ଦେଇଥିଲେ। ଡ଼ାକ ଅଧୀକ୍ଷକ ଦୈନନ୍ଦିନ ଜୀବନ ସହିତ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରଭାଷାକୁ ପ୍ରାଧାନ୍ୟ ଦେବାପାଇଁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ହିନ୍ଦୀ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୌଶିକ କୁମାର ଆଢ୍ୟ, କୌଶଲ୍ୟା ସିଂ ଓ ଶୁଭଙ୍କର ଦାଶଙ୍କୁ ପୁରସ୍କୃତ କରାଯାଇଥିଲା।

# ମହିଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ରାଇରଙ୍ଗପୁର, ୨୬।୯(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ୪୫ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ନବଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠ ଓ ସାଠ ଉପରେ ସଚେତନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ କ୍ୟାରିୟର ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ରୁପେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ସାଧାରଣଜ୍ଞାନ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ରାଜଶ୍ରୀ ଦାସ, କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ପରିମଳ ପଟ୍ଟନାୟକଙ୍କ ସହଧର୍ମିଣୀ ରାମେଶ୍ୱରୀ ପଟ୍ଟନାୟକ, ବୀଣା ପଟ୍ଟନାୟକ, ସଂଯୁକ୍ତା ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ ବିଜୟ କୁମାର ରାମ ଅତିଥି ପରିଚୟ ଓ ପ୍ରିୟତ୍ତମା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ପିସି କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ବାରିପଦା, ୨୬।୯(ସମିସ): ବିଶିଷ୍ଟ ସାହିତ୍ୟିକ ତଥା ପୁରୀ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ ସଭାପତି ଡକ୍ଟର ସରୋଜ ନାୟକ, ସମ୍ପାଦକ ଅଶୋକ ପୁଷ୍ଟି ବରିଷ୍ଠ କବି ଅମିତାଭ ମିଶ୍ର, ପ୍ରଦୀପ କୁମାର ଭଞ୍ଜଦେଓ ନୂତନ ଅଧ୍ୟକ୍ଷଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଫେସର ବେହେରାଙ୍କ କାର୍ଯ୍ୟକାଳରେ କେବଳ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନୁହନ୍ତି, ସମଗ୍ର ମୟୂରଭଞ୍ଜ ସାହିତ୍ୟ ଜଗତର ପ୍ରଭୂତ ବିକାଶ ସାଧନ ହେବ ବୋଲି ସଭାପତି ଡକ୍ଟର ନାୟକ ଆଶାବ୍ୟକ୍ତ କରିଛନ୍ତି। ପ୍ରଫେସର ବେହେରା ୧୯୯୦ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିବା ସହିତ ୧୯୯୨ ଏମଫିଲ ଓଡ଼ିଆରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ଏକାଧାରରେ ଜଣେ କବି ଗୀତିକାର ଓ ସମାଲୋଚକ ଭାବେ ବିଖ୍ୟାତ।

# ମିଶନଶକ୍ତି ବିଭାଗ ସିଏସ୍‌ଏସ୍‌ଙ୍କ ଗଣଧାରଣା




ବାଲେଶ୍ୱର,୨୬।୯(ସମିସ): ମିଶନଶକ୍ତି ବିଭାଗର କମ୍ୟୁନିଟି ସପର୍ଟଷ୍ଟାଫ୍ (ସିଏସଏସ)ଙ୍କର ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି ମହିଳା। ଏହି ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଅଲ୍ ଓଡ଼ିଶା କର୍ମୀ ସଂଘ ତରଫରୁ ୩୧୪ ଟି ବ୍ଲକର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଆଜକୁ ୬ ମାସ ହେବ ବିଡିଓ, ଜିଲ୍ଲାପାଳ, ଏସ୍‌ଏମ୍‌ଡି, ସରକାରୀ ଆଣ୍ଡ ମିଶନ ଶକ୍ତି ମନ୍ତ୍ରୀଙ୍କୁ ସିଏସ୍‌ଏସ୍‌ମାନେ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପାଇବାପାଇଁ ଜଣାଇଲେ ମଧ୍ୟ ତାହାର କୌଣସି ସମାଧାନ ହୋଇ ପାରିଲା ନାହିଁ। ଫଳରେ ୩୧୪ ବ୍ଲକ୍‌ର ସିଏସଏସ ମାନେ ଚଳିତମାସ ୧୫ ତାରିଖରେ ବିଭାଗୀୟ ଅଫିସ୍ ସାମ୍ନାରେ ଗଣଧାରଣାରେ ବସିଥିଲେ। ଏସ୍‌ଏମଡିଙ୍କ ଆଲୋଚନା ପରେ ସିଏସ୍‌ଏସ୍‌ମାନେ ଆଇପିବି ନ ନେବାପାଇଁ ଲିଖିତ ଭାବେ ଦେଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଏଭିତରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଫିସ୍ ତରଫରୁ କୌଣସି ନିର୍ଦ୍ଧାରିତ ପାରିଶ୍ରମିକ ରାଶି ସମ୍ବନ୍ଧୀୟ ଚିଠି ନଆସିବାରୁ ଅଲ୍ ଓଡିଶା ଜିପିଏଲଏଫ୍ କର୍ମୀ ସଂଘ ଜିପିଏଲ୍ ଏଫ୍ ର ସମସ୍ତ କାର୍ଯ୍ୟ ବନ୍ଦ କରି ଏହାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ବସିଛନ୍ତି।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଆଇନ ତାଲିମ ଶିବିର



ବାରିପଦା, ୨୬।୯(ସମିସ): ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ) ଆଇନ-୨୦୧୩ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ଏଲସିସିର ଅଧ୍ୟକ୍ଷା ସୁମିତ୍ରା ମୁର୍ମୁ, ଏଲସିସିରେ ସଦସ୍ୟା ଆଡ଼ଭୋକେଟ କାବେରୀ ମିଶ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସରକାରଙ୍କ ଦ୍ୱାରା ଏହି ଆଇନ ପ୍ରଣୟନର କାହିଁକି ଆବଶ୍ୟକତା ଦେଖାଦେଲା ସେ ବିଷୟରେ ଉପଜିଲ୍ଲାପାଳ ଡ଼ ପରିଡ଼ା ଉଲ୍ଲେଖ କରିଥିଲେ। ଏହାପରେ ଏଲସିସି ସଦସ୍ୟା ପ୍ରସଙ୍ଗ ଯଥା କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ କ'ଣ ଓ ଏହାର ପ୍ରକାର ଭେଦ, କାର୍ଯ୍ୟକ୍ଷେତ୍ର କାହାକୁ କୁହାଯାଏ, ଯୌନ ଉତ୍ପୀଡ଼ନ ଘଟୁଥିବା କାର୍ଯ୍ୟକ୍ଷେତ୍ରର ପରିସର, ଏହି ଆଇନ ଅନୁସାରେ କିଏ ଅଭିଯୋଗ କରିପାରିବେ, କାହା ନିକଟରେ ଅଭିଯୋଗ କରିପାରିବେ, ଆଇନରେ କାହାକୁ ସୁରକ୍ଷା ଦିଆଯାଏ, ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି) ଓ ଏଲସିସି (ସ୍ଥାନୀୟ ଅଭିଯୋଗ କମିଟି)ର ଗଠନ ପ୍ରଣାଳୀ ଓ ଏଗୁଡିକର କାର୍ଯ୍ୟପରିସର, ଦାୟିତ୍ୱ ତଥା ଅଭିଯୋଗ ବାବଦରେ ତଦନ୍ତ ପ୍ରକ୍ରିୟା, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ, କମିଟିର କାର୍ଯ୍ୟାନୁଷ୍ଠାନରେ ନିର୍ଯାତିତ ସନ୍ତୋଷ ନହେଲେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାକୁ ରୋକିବାକୁ ହେଲେ ସମାଜର ସବୁ ବର୍ଗର ଲୋକଙ୍କ ସହଭାଗୀତା ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ପରେ ସସ୍ମିତା ମହାନ୍ତି ଓ କପ୍ତିପଦା ଉପଖଣ୍ଡର କାର୍ଯ୍ୟକ୍ରମ ଅଧିକାରୀଣୀ ପିପିଟି ଜରିଆରେ ଏହି ଆଇନ ଉପରେ ତାଲିମ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇସିଡିଏସ ସେଲର ପ୍ରୋଗ୍ରାମ ଅଫିସର ସୁକାନ୍ତି ସେଠୀ, ମିନତୀ ସାହୁ, ସାଲମଣି ସୋରେନ, ଜୟଶ୍ରୀ ହୋତା, ବିଭିନ୍ନ ବ୍ଲକର ସିଡିପିଓ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ସୀମାନ୍ତ ଦିଗାର ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ପିସି ମହାବିଦ୍ୟାଳୟରେ ଇଣ୍ଟରନାଲ ହାକାଥନ




ବାରିପଦା, ୨୬।୯(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ୍ରମେ ଇଣ୍ଟରନାଲ ହାକାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଟି ଟିମ୍ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ପ୍ରାରମ୍ଭିକ ପ୍ରକ୍ରିୟା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମସିଏ, ବିସିଏ ଏବଂ ଅନ୍ୟାନ୍ୟ ବିଭାଗର ଛାତ୍ରଛାତ୍ରୀ ମଧ୍ୟ ଭାଗନେଇଥିଲେ। ଅଧ୍ୟକ୍ଷା ଡ ଆଲର୍ବର୍ଟିନା ତିର୍କି ସ୍ୱାଗତ ଭାଷଣ ଦେଇଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅନାମ ଚରଣ ରାଉଳ ପିଲାଙ୍କୁ ସ୍ମାର୍ଟ ଇଣ୍ଡିଆ ହାକାଥନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଆପ୍ଲିକେସନ ବିଭାଗର ମୁଖ୍ୟ ପ୍ରୋଫେସର ଡ ହିମବିନ୍ଦୁ ମରିଙ୍ଗଣ୍ଟି, କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ପ୍ରାଧ୍ୟାପକ ଡ ଶାନ୍ତିସ୍ୱରୂପ ବସା, ଏମପିସି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପଙ୍କଜ କୁମାର ଜେନା, ଗଣିତ ବିଭାଗର ସହକାରୀ ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ବେହେରା ବିଚାରକଭାବେ ଯୋଗଦେଇ ସମସ୍ତ ଟିମର ପ୍ରୋଜେକ୍ଟର ଅନୁଶୀଳନ କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଡ. ଗାୟତ୍ରୀ ଦେ' କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ରୂପଲି ଜେନା ମଞ୍ଚ ପରିଚାଳନା କରିଥିଲେ।

### ସିଂହଟିଆ ଦୁର୍ଗା ପୂଜାକୁ ୪୬ ବର୍ଷ

# ତୋରଣରେ ଝଲସିବ ମୟୂରଭଞ୍ଜ ରାଜପ୍ରାସାଦର ମୁଖଶାଳା





ବଡ଼ସାହି,୨୬।୯ (ସମିସ):

ବଡ଼ସାହି ବ୍ଲକ୍ ଅଧୀନ ସିଂହଟିଆ ଦୁର୍ଗାପୂଜା ଚଳିତ ବର୍ଷ ୪୬ ବର୍ଷରେ ପଦାର୍ପଣ କରିଛି। ଗ୍ରାମବାସୀଙ୍କ ସହଯୋଗ ଓ ଭାଇଚାରା ପାଇଁ ଏ ପୂଜା ନିଆରା। ପୂଜା ପାଇଁ ସେପରି ସ୍ଥାୟୀ ପାଣ୍ଠି କିଛି ନ ଥିବାବେଳେ ଗ୍ରାମବାସୀଙ୍କ ଅନୁଦାନ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗ ଉପରେ ଏହା ନିର୍ଭରଶୀଳ। ଚଳିତ ବର୍ଷ ପୂଜାମଣ୍ଡପ ସାଜସଜ୍ଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୋରଣର ମୁଖ୍ୟ ଆକର୍ଷଣ ମୟୂରଭଞ୍ଜ ରାଜପ୍ରାସାଦର ମୁଖଶାଳା ହେବ ବୋଲି ଜଣାଯାଇଛି। ଶିଳ୍ପୀମାନେ ମଧ ମୂର୍ତ୍ତୀ ନିର୍ମାଣରେ ନିମଗ୍ନ ଅଛନ୍ତି। ସେପ୍ଟେମ୍ବର ୨୮ ତାରିଖ ଷଷ୍ଠୀ ପାଖରୁ ଦଶମୀ ପର୍ଯ୍ୟନ୍ତ ବିଧି ଅନୁଯାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଲାଗିରହିବ ବୋଲି କମିଟି ସୂତ୍ରରୁ ଜଣାଯାଇଛି। ମହାଷ୍ଟମୀ ପୂଜା ଦିନ ଅଧିକ ଗହଳିରେ ଶୃଙ୍ଖଳାର ସହିତ କିପରି ବ୍ରତୀମାନେ ପୂଜା କରିପାରିବେ ସେଥିପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଖିରୀ ଖେଚୁଡ଼ି ଭୋଗ ଏହି ପୂଜାର ମୁଖ୍ୟ ଆକର୍ଷଣ ବୋଲି ଜଣାଯାଇଛି। ଦଶହରାରେ ଆକର୍ଷଣୀୟ ରାବଣ ପୋଡ଼ି ଉତ୍ସବ ସହିତ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ପରିବେଷିତ ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି। କମିଟିର ସଭାପତି ପ୍ରଦୀପ କୁମାର ବଳ,ସମ୍ପାଦକ ପ୍ରଦୀପ କୁମାର ଦଣ୍ଡପାଟ, କୋଷାଧ୍ୟକ୍ଷ ସନତ କୁମାର ପାତ୍ର,ଉପ ସଭାପତି ସାରଥୀ ଗିରି,ସହ ସଂପାଦକ ଗୋପୀନାଥ ଦଣ୍ଡପାଟଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଥିବାର ଦେଖାଯାଇଛି।

## ନିଚୁଆପଦାରେ ଆରଆଇ ଅଫିସ ସ୍ଥାପନ ପାଇଁ ଦାବି



ମୋରଡା,୨୬।୯ (ସମିସ): ମୋରଡା ତହସିଲ ଅନ୍ତର୍ଗତ ଭାଲିଆଡିହା ପଞ୍ଚାୟତର ନିଚୁଆପଦାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପନ ପାଇଁ ଶୁକ୍ରବାର ଅଞ୍ଚଳବାସୀଙ୍କ ତରଫରୁ ମୋରଡା ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଦାବି ମୁତାବକ ଭାଲିଆଡିହା ଗ୍ରାମପଞ୍ଚାୟତର ଲୋକମାନଙ୍କ ପାଇଁ ଦାନ୍ତିଆମୁଁହା ଆଇଆଇ ସେକ୍ସନରେ ଥିବାରୁ ଗ୍ରାମବାସୀ ଦାନ୍ତିଆମୁଁହାସ୍ଥିତ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ଏତଦ୍ୱ୍ୟତୀତ ଉକ୍ତ ପଞ୍ଚାୟତକୁ ଯିବାକୁ ହେଲେ ଜଙ୍ଗଲକୁ ପାର ହେବାକୁ ପଡିଥାଏ। ତତ୍ସହିତ ଉକ୍ତ ଜଙ୍ଗଲରେ ହାତୀ ଏକ ପ୍ରକାର ଘର କରି ସାରିଲେଣି ତେଣୁ ହାତୀ ଉପଦ୍ରବକୁ ମଧ ଭୟ ରହୁଛି। ତେଣୁ ନିଚୁଆପଦାରେ ଏକ ଆରଆଇ ଅଫିସ ସ୍ଥାପନ କରାଗଲେ ଭାଲିଆଡିହା ପଞ୍ଚାୟତ ୨୧ଟି ୱାର୍ଡର ଲୋକଙ୍କ ସହିତ ସୁରେଇଡ଼ିହି ଓ ଦୁର୍ଗାପୁର ପଞ୍ଚାୟତର କିଛି ଗ୍ରାମର ଲୋକେ ସୁବିଧା ପାଇ ପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ବିଲାତି ବୋଝେଇ ଭ୍ୟାନ୍ ଓଲଟି ଡ୍ରାଇଭର ଗୁରୁତର

ଠାକୁରମୁଣ୍ଡା,୨୬।୯ (ସମିସ): ଠାକୁରମୁଣ୍ଡା ଠାରୁ ୨ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୁଡାମ୍ବ ଘାଟି ପାଖରେ ଗୁରବାର ବିଳମ୍ବିତ ରାତିରେ ବିଲାତି ବୋଝେଇ ପିକଅପ ଭ୍ୟାନ ରାସ୍ତାକଡ଼କୁ



ଓଲଟି ପଡିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ପ୍ରଥମେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ ଓ ପରେ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ, ଯାଜପୁର ଠାରୁ ବିଲାତି ବୋଝେଇ ହୋଇ ଭ୍ୟାନ ଗାଡି ନମ୍ବର ଓଡ଼ି ୦୪ଟି ୧୫୭୪ ଯୋଗେ ଝାଡ଼ଖଣ୍ଡ ରାଜ୍ୟର ଚାଇଁବଶାକୁ ଯାଉଥିବା ବେଳେ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଡ୍ରାଇଭରଙ୍କୁ ଠାକୁରମୁଣ୍ଡା ଡ୍ରାଇଭର ମହାସଂଘ ସଦସ୍ୟ ମାନେ ସାହାଯ୍ୟ କରିଥିଲେ।

## ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ପିଙ୍ଗୁ,୨୬।୯ (ସମିସ): ମେଘାସନ ମହାବିଦ୍ୟାଳୟର ଇନଡ଼ୋର ଷ୍ଟାଡ଼ିୟମଠାରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ସମରଶିକ୍ଷାର୍ଥି ବାହିନୀ, ଜାତୀୟ ସେବା ଯୋଜନା ଓ ଯୁବରେଡକ୍ରସ ମିଳିତ ଭାବରେ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ପରିବର୍ତିତ ପରିସ୍ଥିତି ଓ ଜଳବାୟୁ ପରିବର୍ତ୍ତନ ଜନିତ ହେଉଥିବା ବିଭିନ୍ନ ଆକସ୍ମିକ ବିପର୍ଯ୍ୟୟ ଓ ତାର ସୁପରିଚାଳନା ପାଇଁ କୌଶଳମାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଏହି ଶିବିରରେ ସଭାପତିତ୍ୱ କରିଥିଲେ। ଡ.ନିରଂଜନ ପାଠୀ, ଯୁବରେଡ଼କ୍ରସର ସଂଯୋଜକ ଅଧ୍ୟାପକ ବିଜୟ କୁମାର ନାୟକ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ସସ୍ମିତା ଲାୟା, କପ୍ତିପଦା ଅଗ୍ନିଶମ ଅଧିକାରୀ ନରେନ୍ଦ୍ର କୁମାର ରାଉତ ମଞ୍ଚାସୀନ ଥିଲେ। କପ୍ତିପଦା ଅଗ୍ନିଶମ ବିଭାଗର କର୍ମଚାରୀ ମାନଙ୍କଦ୍ୱାରା ବିଜୁଳି ମାଡ଼, ସର୍ପ ଦଂଶନ, ହୃଦଘାତ ଓ ପରିବର୍ତିତ ପରିସ୍ଥିତିରେ ଉପୁଜୁଥିବା ସମସ୍ୟାର ସମାଧାନର ଉପାୟ ନିଜେ କରି ଦେଖାଇବା ସହିତ ପିଲାମାନଙ୍କ ଦ୍ୱାରା କରାଇଥିଲେ। ଶିବିର ପିଲାମାନଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି କରିଥିଲା।



## ମିଶନଶକ୍ତି ମହିଳାଙ୍କ ବ୍ଲକ୍ ସମ୍ମୁଖରେ ଧାରଣା

ମୋରଡ଼ା,୨୬।୯ (ସମିସ): ମୋରଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବ୍ଲକର ୨୦ଟି ପଞ୍ଚାୟତର କମ୍ୟୁନିଟି ସର୍ଭେ ଷ୍ଟାଫମାନେ ଧାରଣାରେ ବସି ନାରାବାଜି କରୁଥିବାର ଦେଖିବାକୁ ମିଳିଛି। ସେମାନଙ୍କ ଦାବି ମୁତାବକ ସେମାନେ ଦୀର୍ଘ ୬ମାସ ହେବ ପୂର୍ବରୁ ପାଉଥିବା ସ୍ଥାୟୀ ଦରମା ନପାଇବାରୁ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନକୁ ଜଣାଇଥିଲେ ମଧ ସରକାର କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ଦରମା ପ୍ରଦାନ ପାଇଁ ଦାବି କରିଛନ୍ତି।

## ମାଣତ୍ରୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବଡ଼ସାହି/ମାଣତ୍ରୀ,୨୬।୯ (ସମିସ): ବଡସାହି ବ୍ଲକ ମାଣତ୍ରୀସ୍ଥିତ ବଙ୍ଗଳା ପଡ଼ିଆଠାରେ ବ୍ୟୟ ବହୁଳ କ୍ରିକେଟ ଟୁର୍ଣାମେଣ୍ଟ ଏମପିଏଲ୍ (ମାଣତ୍ରୀ ପ୍ରିମିୟମ ଲିଗ୍) ୮ ଅଷ୍ଟମ ସଂସ୍କରଣ ଶୁଭାରମ୍ଭ ହୋଇଅଛି। ଏଥିରେ ୮ଟି ଦଳର ଟିମ ଅଂଶଗ୍ରହଣ କରୁଥିବା ସମସ୍ତ ଖେଳାଳି ଏବଂ ମାଲିକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଏମସିସିର ପୂର୍ବତନ ଖେଳାଳି ଅଜିତ କୁମାର ପଣ୍ଡା ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ସଦସ୍ୟ ଭବାନୀ, ଯତୀନ, ସାଗର, ଶଶୀ, ରାଜା, ଭୌତିକ, ଲଡ୍ଡୁ, ରାକେଶ, ବୁଢ଼ା, ଲିକୁ, କାଲୁ, ସଞ୍ଜୟ, ଟିକିଛୁଆ, କନ୍ଦୁଙ୍କ ସମେତ ସମସ୍ତ ଯୁବ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ତାପସ ନାୟକ ଉପସ୍ଥାପନା କରିଥିଲେ। ଅତ୍ୟଧିକ ବର୍ଷା ବାଧକ ସୃଷ୍ଟି କରିଥିଲେ ମଧ ୩୦୦ ବର୍ଗ ଫୁଟର ପିଚ କଭର ବକ୍ସ ଦ୍ୱାରା ପ୍ରଥମ ମ୍ୟାଚ ପରିସମାପ୍ତି ହୋଇଅଛି। ପ୍ରଥମ ମ୍ୟାଚଟି ଅଂଶୁମାନ ଫାଇଟର ପ୍ରଥମେ ବ୍ୟାଟିଂକରି ୮ ଓଭରରେ ୭୫ ରନ ସଂଗ୍ରହ କରିଥିବା ବେଳେ ଦିବ୍ୟାନି ଇଲେଭେନ୍ ୮ ଓଭର ଖେଳି ୭ ୱିକେଟ ବିନିମୟରେ ୬୮ ରନ ସଂଗ୍ରହ କରି ପ୍ରଥମ ମ୍ୟାଚ୍‌ଟି ପରାଜୟ ହୋଇଥିଲା।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଚମ୍ପୁଆ,୨୬।୯ (ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ଜାମୁଦଲକ ପଞ୍ଚାୟତର ଶାତହଲିଆ ଗାଁର ଅନନ୍ତ ନାଏକ ନିଜ ଘରଠାରୁ ପାଖରେ ଥିବା ଜଙ୍ଗଲ ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଚମ୍ପୁଆ ପୁଲିସକୁ ଖବର ଦେଲା ପରେ ସେଠାରୁ ଉଦ୍ଧାର କରାଯାଇ ଅନନ୍ତ ନାଏକଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ଅନନ୍ତ ନାଏକଙ୍କ ପତ୍ନୀ କିଛି ମାସ ହେବ ତାଙ୍କୁ ଛାଡିପଳାଇଥିଲେ। ପାରିବାରିକ ଅଶାନ୍ତି ଯୋଗୁଁ ମାନସିକ ଭାରସାମ୍ୟ ହରାଇ ସେ ପୂର୍ବରୁ ତିନି ଥର ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଏନେଇ ଚମ୍ପୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତେଲକୋଇ, ୨୬।୯ (ସମିସ): ତେଲକୋଇ ଥାନା ଛାମୁଣ୍ଡା ଗ୍ରାମ କିସାନସାହିର ଜଣେ ଯୁବକ ତିନି ଦିନ ହେଲା ନିଖୋଜ ଥିବା ବେଳେ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଜମି ମାଳରୁ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ କାର୍ତ୍ତିକ କିସାନ (୩୫)। କାର୍ତ୍ତିକ ତିନି ଦିନ ତଳେ ଝାରବେଡା ନାଳ ନିକଟସ୍ଥ ଜମି ମାଳକୁ ଚାଷ କାର୍ଯ୍ୟରେ ଯାଇଥିଲେ; ହେଲେ ସେଠାରୁ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା କାର୍ତ୍ତିକଙ୍କ କୌଣସି ପତ୍ତା ପାଇ ନଥିଲେ। ନାଳ ନିକଟରେ ଥିବା ଏକ ମାଛ ଘାଟରୁ ପାଣି ଭିତରେ କାର୍ତ୍ତିକଙ୍କ ମୃତ ଦେହ ଠାବ ହୋଇଥିଲା। ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର ପାଇଁ ତେଲକୋଇ ପୁଲିସକୁ ଖବର ଦେଇଥିଲେ; ମାତ୍ର ପୁଲିସ ନ ପହଞ୍ଚିବାରୁ ପରିବାର ଲୋକେ ମୃତଦେହକୁ ଉଦ୍ଧାର କରି ଏକ ଅଟୋ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିବା ଜଣାପଡ଼ିଛି।

## ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା ଓ ସେବାକେନ୍ଦ୍ର ଉଦ୍‌ଘାଟିତ



ବାରିପଦା,୨୬।୯ (ସମିସ): କୁଳିଅଣା ବ୍ଲକ ଅଧୀନସ୍ଥ କୁଚେଇ ପଞ୍ଚାୟତର ଅଙ୍ଗାରଗଡିଆ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଯୋଗ ଦେଇ ଗ୍ରାମବାସୀଙ୍କ ସାହିତ ବାର୍ତ୍ତାଳାପ ମାଧ୍ୟମରେ ସେମାନଙ୍କ ଅସୁବିଧା ତଥା ଆବଶ୍ୟକତା ବିଷୟରେ ପଚାରି ବୁଝିବା ସହିତ ଏହି ଅଭିଯାନ ଦ୍ୱାରା ସେମାନଙ୍କର ଆବଶ୍ୟକତା କିପରି ଭାବେ ପୂରଣ ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ଏଥିସହିତ ସମସ୍ତ ଗ୍ରାମବାସୀ ଏଥିରେ ଅଂଶ ଗ୍ରହଣ କରିବା ସହିତ ମିଳିତ ଭାବେ ସହଯୋଗ କରି ଗ୍ରାମ୍ୟସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବାରିପଦା ବ୍ଲକ ବଡ଼ଯୋଡ଼ ଗ୍ରାମରେ ଗ୍ରାମ୍ୟସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ ଓ ଆଦି ସେବାକେନ୍ଦ୍ର ସରପଞ୍ଚଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇଯାଇଛି। ସରପଞ୍ଚ କହିଥିଲେ ଆଦିବାସୀ ଅଞ୍ଚଳରେ ଶେଷ ସୀମା ପର୍ଯ୍ୟନ୍ତ ସରକାରୀ ଯୋଜନା ତଥା ସେବା ପ୍ରଦାନକୁ ସୁଦୃଢ କରିବା ଏବଂ ଉତ୍ତରଦାୟୀ ଶାସନ ସ୍ଥାପନ କରିବା ନିମନ୍ତେ ସମସ୍ତଙ୍କ ସହଭାଗୀତାରେ ଆଦି କର୍ମଯୋଗୀ ଅଭିଯାନକୁ ସଫଳ କରିବା ପାଇଁ ଗ୍ରାମବାସୀମାନେ ଚେଷ୍ଟିତ ହେବା ଉଚିତ। ଗ୍ରାମ୍ୟସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ ପାଇଁ ଗ୍ରାମର ସମସ୍ତ ମହିଳା, ଯୁବପିଢ଼ି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ମିଳିତ ଭାବେ ଏଥିରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

## କେନ୍ଦୁଝର ଜିଲ୍ଲାର ୨ ଯୁବ ଭୂବୈଜ୍ଞାନିକ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ



ତୁରୁମୁଙ୍ଗା, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲାର ୨ ଯୁବ ବୈଜ୍ଞାନିକ ଶ୍ରଦ୍ଧାଞ୍ଜଳି ଶୁଭଦର୍ଶିନୀ ଏବଂ ହରମନ ମହାନ୍ତ ଜାତୀୟ ଭୂବୈଜ୍ଞାନିକ ସମ୍ମାନରେ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୂବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଭୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶ୍ରଦ୍ଧାଞ୍ଜଳୀ ଶୁଭଦର୍ଶିନୀ ଅନୁଗୁଳ ଜିଲ୍ଲା ତାଳଚେର କୋଇଲାର ଏକ୍ସପ୍ଲରେସନ ଉପରେ କାର୍ଯ୍ୟ କରି ସମ୍ବର୍ଦ୍ଧିତ ହୋଇଥିବା ବେଳେ ସେ ପାଟଣା ବ୍ଲକ ସ୍ୱାମଶାସନର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ଦ୍ୱିବେଦୀ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କୁମୁଦିନୀ କରଙ୍କ ଝିଅ। ବର୍ତ୍ତମାନ ସେ ଜିଓ ଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଓଡ଼ିଶା ଶାଖାର ଡାଇରେକ୍ଟର ଭାବେ ଭୁବନେଶ୍ୱରଠାରେ କାର୍ଯ୍ୟରତ। ରାଇସୁଆଁ ଗୋପୀନାଥପୁରରେ ସେ ବିବାହ କରିଥିବା ବେଳେ ତାଙ୍କ ସ୍ୱାମୀ ଶିବଦତ୍ତ ମହାପାତ୍ର ପେଟ୍ରୋଲିୟମ ଜିଓଲୋଜିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବାରିଆ ଥାନା ବାରିଆ ଗ୍ରାମର କଳାକର ମହାନ୍ତ ଓ ନର୍ମଦା ମହାନ୍ତଙ୍କ ପୁତ୍ର ହରମନ ମହାନ୍ତ ବର୍ତ୍ତମାନ ସିନିଅର ଜିଓଲୋଜିଷ୍ଟ ଭାବେ ଜିଏସଆଇ ଭୁବନେଶ୍ୱରଠାରେ କାର୍ଯ୍ୟରତ। ମୟୂରଭଞ୍ଜ ଜିଲ୍ଲାରେ ତମ୍ବା ଆବିଷ୍କାର ନିମନ୍ତେ ସେ ଏହି ସମ୍ମାନସ୍ୱଦ ସମ୍ମାନ ପାଇଛନ୍ତି। ଉଭୟଙ୍କ ଏହି ସଫଳତା ପାଇଁ କେନପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ଶିଳ୍ପପତି ବିବେକା ନନ୍ଦ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ କେନ୍ଦୁଝର ଜିଲ୍ଲାର ଗର୍ବ ଏବଂ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିବାରୁ ଏହି ଦୁଇଜଣ ବୈଜ୍ଞାନିକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରଯାଇଛି।

## ୬ ୱାରେଣ୍ଟି ଗିରଫ

କରଞ୍ଜିଆ,୨୬।୯ (ସମିସ): ଶାରଦୀୟ ପୂଜା ପାର୍ବଣ ଓ ଅନ୍ୟାନ୍ୟ ଉତ୍ସବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ମୟୂରଭଞ୍ଜ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ୱାରେଣ୍ଟି ଗିରଫ ଅଭିଯାନ କରଞ୍ଜିଆ ଥାନାରେ ଆରମ୍ଭ ହୋଇଛି। ଦୀର୍ଘ ଦିନ ଧରି କରଞ୍ଜିଆ ଥାନା ଅଞ୍ଚଳରେ ମାଲି ମକର୍ଦ୍ଦମାରେ ସମ୍ପୃକ୍ତ ଥିବା ଆସାମୀଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ଥାନା ଆଇଆଇସି ଶରତ ଚନ୍ଦ୍ର ମହାଲିକଙ୍କ ନେତୃତ୍ୱରେ ଥାନାର ଅଫିସର ଓ କନଷ୍ଟେବଲ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ଆସାମୀଙ୍କୁ ଗିରଫ କରିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବଜ୍ରପାତ ସଚେତନତା ଅଭିଯାନ




ବାରିପଦା,୨୬।୯ (ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ବଜ୍ରପାତରୁ ଜୀବଜଗତକୁ ରକ୍ଷା କରିବା ପାଇଁ ବିଭିନ୍ନ ସତର୍କତା ଅବଲମ୍ବନ କରିବାକୁ ଓ ବ୍ୟାପକ ଭାବେ ତାଳ ଗଛ ଲଗାଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଯୋଗ ଦେଇ ବଜ୍ରପାତ ସମୟରେ କିଭଳି ସତର୍କ ରହିବାକୁ ହୁଏ ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହ ସାଧାରଣ ଲୋକଙ୍କୁ ବୁଝାଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଅଧ୍ୟାପିକା ଲକ୍ଷ୍ମୀ ଚାପିଆର ମଧ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନ୍ଦୁରିଆଠାରୁ ବରୁଆଁ ରାସ୍ତା ନିର୍ମାଣ ଦାବି

# ଗ୍ରାମବାସୀଙ୍କ ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଶରତ/ଆନନ୍ଦପୁର,୨୬।୯ (ସମିସ):



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତଥା ବ୍ଲକ୍ ଅଧୀନ ବାଉଁଶଗଡ ପଞ୍ଚାୟତବାସୀଙ୍କ ଦ୍ୱାରା ସୁନ୍ଦୁରିଆ ଠାରୁ ବରୁଆଁ ରାସ୍ତା ନିର୍ମାଣ ଦାବିରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବାଉଁଶଗଡ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୦୨୩ ମସିହାରେ ଏହି ୭ କି.ମି ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ପ୍ରାୟ ୬ କୋଟି ଟଙ୍କା ଅର୍ଥ ଅନୁମୋଦନ ହୋଇସାରିଛି। ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସେଠାରେ ସୂଚନାଫଳକ ଲଗାଯାଇଛି। ଫଳକ ଲଗାଯାଇ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଥିଲେ ମଧ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। କାରଣ ବର୍ଷା ଋତୁରେ ରାସ୍ତାଟି ଅତ୍ୟନ୍ତ କାଦୁଅ ହେଉଥିବାରୁ ଯାତାୟାତରେ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଉକ୍ତ ରାସ୍ତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ପିଲାମାନେ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପଞ୍ଚାୟତବାସୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ଖରାପ ଥିବାରୁ ଛୋଟ ବଡ଼ ଦୁର୍ଘଟଣା ମଧ ଘଟି ଯାଉଛି। ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ବାଉଁଶଗଡ ଗ୍ରାମର ଉଚ୍ଚ ଶିକ୍ଷିତ ଯୁବକ ପିଣ୍ଟୁ ହେମ୍ବ୍ରମଙ୍କ ନେତୃତ୍ୱରେ ଆକାଶ ହେମ୍ବ୍ରମ, ଗାମାଏ ରୀମିଲ ଗୋଇପାଇ, ଲବେନ ଦେଓଗାମ, ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ନାରା ହେମ୍ବ୍ରମ, ସୁନାରାମ ଦେୱଗାମ, ରାଉତ ଦେୱଗାମ, ଘନଶ୍ୟାମ ଦେୱଗାମ, ସାଧୁ ପିଙ୍ଗୁଆ, ସାଧ ହେମ୍ବ୍ରମ, ଗୋପି ହାଇବ୍ରୁ, ବିଜୟ ଦେଓଗାମ, ସାଲୁକା ହାଇବ୍ରୁ, ମନୋଜ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗା ପୂଜା ପରେ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି ଉପଜିଲ୍ଲାପାଳ ପଞ୍ଚାୟତବାସୀଙ୍କୁ ଆଶ୍ୱସନା ଦେଇଛନ୍ତି। ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ନ ଆରମ୍ଭ ହୋଇ ପାରିଲେ ବାଉଁଶଗଡ ପଞ୍ଚାୟତବାସୀଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ପିଣ୍ଟୁ ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ସଙ୍ଗୀତଜ୍ଞ ଗିରଫ

ଦିଶପୁର, ୨୬।୯ (ଏଜେନ୍ସି): ସିଙ୍ଗାପୁରରେ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସଂଶୟ ଜାରି ରହିଛି। ମାମଲାର ତଦନ୍ତ ଲାଗି ଆସାମ ସରକାର ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଗଠନ କରିଛନ୍ତି। ଏସ୍ଆଇଟି ଏହି ମାମଲାରେ ସଙ୍ଗୀତଜ୍ଞ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ସେହିପରି ଜୁବିନଙ୍କ ମ୍ୟାନେଜର ଘରେ ମଧ୍ୟ ଚଢ଼ଉ କରାଯାଇଛି। ସୂଚନା ଅନୁଯାୟୀ ଜୁବିନଙ୍କ ବ୍ୟାଣ୍ଡରେ ସଙ୍ଗୀତଜ୍ଞ ଭାବେ ଶେଖର କାର୍ଯ୍ୟ କରୁଥିଲେ। ସେ ସିଙ୍ଗାପୁର ଗସ୍ତରେ ମଧ୍ୟ ଜୁବିନଙ୍କ ସାଙ୍ଗରେ ଥିଲେ। ଏହା ବ୍ୟତୀତ ସିଙ୍ଗାପୁର କାର୍ଯ୍ୟକ୍ରମର ଆୟୋଜନକାରୀ ଶ୍ୟାମକାନୁ ମହନ୍ତଙ୍କୁ ମଧ୍ୟ ଯାଞ୍ଚ ପରିସରକୁ ନିଆଯାଇଛି। ଆୟୋଜନକାରୀ ଏବଂ ଜୁବିନଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ଧିରେନପାରା ଓ ଗୀତାନଗର ସ୍ଥିତ ଘରେ ଚଢ଼ଉ କରାଯାଇଛି। କିନ୍ତୁ ଏହି ସମୟରେ ଉଭୟେ ଘରେ ନ ଥିଲେ। ରିପୋର୍ଟ ଅନୁଯାୟୀ ଯାଞ୍ଚ ପାଇଁ ଏସ୍ଆଇଟି ସିଦ୍ଧାର୍ଥଙ୍କ ଘରେ ପହଞ୍ଚିବା ପରେ ଅନେକ ଲୋକେ ଏକାଠି ହୋଇ ପୁଲିସ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ଉପଦ୍ରବୀଙ୍କୁ ଉସୁକାଇବାକୁ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଧାରାରେ ଏମାନଙ୍କୁ ଗିରଫ କରାଯାଇଛି ଏବଂ କ'ଣ ପ୍ରମାଣ ମିଳିଛି ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନଙ୍କ ମୃତ୍ୟୁ ହୋଇଥିଲା। ତେବେ ସେ ଲାଇଫ ଜ୍ୟାକେଟ ନ ପିନ୍ଧି ସମୁଦ୍ରକୁ ଯାଇଥିଲେ। ପ୍ରଥମେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ପରେ ଅନ୍ୟ ସନ୍ଦେହଜନକ ସ୍ଥିତିକୁ ନେଇ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଆରମ୍ଭ

ପାଟନା, ୨୬ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭର୍ଚୁଆଲ ଭାବେ ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ସେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ଅନ୍ଲାଇନରେ ୧୦ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି। ୨୦୨୦ର ତଥ୍ୟ ଅନୁଯାୟୀ ବିହାରରେ ମୋଟ ୩.୩୯ କୋଟି ମହିଳା ଭୋଟର ଅଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ମହିଳା ଭୋଟରଙ୍କୁ ଏହି ଯୋଜନାର ଲାଭ ମିଳିବ। ଏହି ଅବସରରେ 'ଜୀବିକା ଦିଦି'ଙ୍କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଦେଶରେ ଜନ-ଧନ ଯୋଜନା ଅଧିନରେ ୩୦ କୋଟିରୁ ଅଧିକ ମାଆ, ଭଉଣୀଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ନ ଥିଲେ ଆଜି ଏତେ ଟଙ୍କା ପଠାଇବା ସହଜ ହୋଇ ନ ଥାଆନ୍ତା। ଆଜି ଯେଉଁ ଟଙ୍କା ପଠାଯାଇଛି ତାହା ବ୍ୟାଙ୍କ ଖାତାରେ ଜମା ହେବ। ସେଥିରୁ କେହି ଗୋଟିଏ ପଇସା ବି ନେଇପାରିବେ ନାହିଁ। ପୂର୍ବରୁ ଯୋଜନାର ଅର୍ଥ ଆପଣଙ୍କ ପାଖକୁ ପହଞ୍ଚିବା ପୂର୍ବରୁ ଲୁଟ୍ ହୋଇ ଯାଇଥିଲା। ଭଉଣୀ ସୁସ୍ଥ ଏବଂ ଖୁସିରେ ରହିଲେ ଭାଇ ଖୁସି ହୋଇଥାଏ। ଆଜି ଆପଣଙ୍କ ଦୁଇ ଭାଇ ନରେନ୍ଦ୍ର ଏବଂ ନୀତୀଶ ମିଳିମିଶି ଭଉଣୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

# 'ବ୍ଲାକବୋର୍ଡ'ରେ ନିର୍ବାଚନ ଲଢିବେ ଲାଲୁଙ୍କ ପୁଅ

ପାଟନା, ୨୬।୯ (ଏଜେନ୍ସି): ପ୍ରେମ ପାଇଁ ପରିବାରରୁ ବିତାଡ଼ିତ ହେବା ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନୂଆ ଦଳ ଗଠନ କରିଛନ୍ତି। ଏହି 'ଜନଶକ୍ତି ଜନତା ଦଳ' ମାଧ୍ୟମରେ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କ ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସ ଏବଂ ଆରଜେଡିକୁ ମଧ୍ୟ କହିଛନ୍ତି। ସେ ନିଜ ସାନ ଭାଇ ତଥା ଆର୍‌ଜେଡିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଦଳ କଥାରେ ମୁଣ୍ଡ ନ ପୂରାଇବାକୁ କହିଛନ୍ତି। ଭାଇକୁ ମୁଖ୍ୟମନ୍ତ୍ରୀ ହେବାକୁ ସମର୍ଥନ ଦେବେ ବୋଲି ମଧ୍ୟ ତେଜପ୍ରତାପ ଉଲ୍ଲେଖ କରିଛନ୍ତି। ଏପରି ସମୟରେ ତେଜପ୍ରତାପଙ୍କ ଦଳକୁ ନିର୍ବାଚନୀ ଚିହ୍ନ ମିଳିଯାଇଛି। ବ୍ଲାକ ବୋର୍ଡ ତଥା କଳାପଟା ମାଧ୍ୟମରେ ସେ ମୈଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ତେଜ ପ୍ରତାପ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରସ୍ତୁତ। ରାଜ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ନୂତନ ବ୍ୟବସ୍ଥା ସୃଷ୍ଟି କରିବା ଆମର ଲକ୍ଷ୍ୟ। ସାମଗ୍ରିକ ବିକାଶ ପାଇଁ ଦୀର୍ଘ ଲଢେଇ ନିମନ୍ତେ ଆମେ ପ୍ରସ୍ତୁତ ଅଛୁ। ଏହା ସହିତ ତେଜପ୍ରତାପ ନିଜ ଦଳର ପୋଷ୍ଟର ଉନ୍ମୋଚନ କରିଛନ୍ତି। ଏଥିରେ ତାଙ୍କ ବାପାଙ୍କ ଫଟୋ ନାହିଁ। ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ପୋଷ୍ଟରରେ ସ୍ଥାନ ଦିଆଯାଇଛି।

# ଶାହବାଜ-ମୁନୀରଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇଲେ ଟ୍ରମ୍ପ

ୱାଶିଂଟନ, ୨୬।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଅସୀମ ମୁନୀର ଗୁରୁବାର ବିଳମ୍ବିତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ ଉଭୟଙ୍କୁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରାଇ ଥିଲେ। ଏହି ସମୟରେ ଟ୍ରମ୍ପ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟାରେ ଶାହବାଜ ହ୍ୱାଇଟହାଉସରେ ପହଞ୍ଚି ଥିଲେ। ଏହି ସମୟରେ ଟ୍ରମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର ଏବଂ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିଲେ। ଟ୍ରମ୍ପଙ୍କ ପାଇଁ ଶାହବାଜ ଅପେକ୍ଷା କରି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘଣ୍ଟାଏ ୨୦ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା ହୋଇଥିଲା। ଏହି ବୈଠକକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଟ୍ରମ୍ପ ଏବଂ ସରିଫ-ମୁନୀର ଆଲୋଚନାକୁ ନେଇ ହ୍ୱାଇଟହାଉସ ପକ୍ଷରୁ କୌଣସି ଫଟୋ କିମ୍ବା ଭିଡିଓ ଜାରି କରାଯାଇ ନ ଥିଲା। ତେବେ ଏହା ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଟ୍ରମ୍ପ ଯେଉଁ ଦାବି କରି ଆସୁଛନ୍ତି ତାହାକୁ ଶାହବାଜ ସମର୍ଥନ ଦେଇଥିଲେ। ଗତ ତିନି ଦିନ ମଧ୍ୟରେ ଟ୍ରମ୍ପ ଏବଂ ଶାହବାଜଙ୍କ ମଧ୍ୟରେ ଦ୍ୱିତୀୟ ଆଲୋଚନା ହୋଇଛି।

## ୬୨ ବର୍ଷର ଯାତ୍ରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ବିଦାୟ ନେଲା ତିନି ଯୁଦ୍ଧର ପ୍ରମୁଖ ସାରଥି

ଚଣ୍ଡିଗଡ଼, ୨୬।୯ (ଏଜେନ୍ସି): ତିନି ତିନିଟା ଯୁଦ୍ଧରେ ଭାରତର ପ୍ରମୁଖ ସାରଥି ସାଜିଥିବା ତଥା ଭାରତୀୟ ବାୟୁସେନାର ମେରୁଦଣ୍ଡ ଭାବେ ପରିଚିତ ଲଢୁଆ ଯୁଦ୍ଧ ବିମାନ ମିଗ୍-୨୧କୁ ଶୁକ୍ରବାର ଶେଷ ବିଦାୟ ଦିଆଯାଇଛି। ଏହି ବିମାନ ଯେଉଁଠି ସେବାରେ ସାମିଲ ହୋଇଥିଲା, ସେଇଠି ହିଁ ସେବାରୁ ଅବସର ନେଇଛି।

## ମିଗ୍-୨୧ ଉଡ଼ାଇଲେ ବାୟୁସେନା ମୁଖ୍ୟ

ଚଣ୍ଡିଗଡ଼ ଏୟାରବେସ୍‌ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମିଗ୍-୨୧କୁ ସେବାରୁ ଅପସାରଣ କରାଯାଇଛି। ଆଜିଠାରୁ ଆଉ କୌଣସି ଉଡ଼ାଣରେ ମିଗ୍-୨୧କୁ ଦେଖିବାକୁ ମିଳିବ ନାହିଁ। ଏହି ବିଦାୟୀ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ୨୩ ସ୍କ୍ୱାଡ୍ରନର ୬ ଲଢୁଆ ବିମାନ ସହିତ ଶେଷ ଉଡ଼ାଣ ଭରିଥିଲେ। ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ମଧ୍ୟ ଫ୍ଲାଇପାଷ୍ଟରେ ଭାଗ ନେଇଥିଲେ। ଏହି ବିମାନ ୧୯୬୩ରେ ଚଣ୍ଡିଗଡ଼ ଏୟାରବେସରୁ ବାୟୁସେନାରେ ସାମିଲ ହୋଇଥିଲା।



୬୨ ବର୍ଷର ସେବା ମଧ୍ୟରେ ଭାରତର ଏହି ପ୍ରଥମ ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ରେ ବାଂଲାଦେସ ମୁକ୍ତି ସଂଗ୍ରାମ, ୧୯୯୯ର କାର୍ଗିଲ ଯୁଦ୍ଧ ଏବଂ ୨୦୧୯ର ବାଲାକୋଟ ଏୟାର ଷ୍ଟ୍ରାଇକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ବିମାନ ଧ୍ୱନିଠାରୁ ସେକେଣ୍ଡ ପିଛା ୩୩୨ ମିଟର ଅଧିକ ବେଗରେ ଉଡ଼ି ପାରୁଥିଲା। ଏବେ ତେଜସ ଏଲ୍ସିଏ ମାର୍କ ୧ଏ ଲଢୁଆ ବିମାନ ମିଗ-୨୧ର ସ୍ଥାନ ନେବ। ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ତିନି ସେନାର ମୁଖ୍ୟଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରାଳୟର ଅନେକ ଅଧିକାରୀ ସାମିଲ ହୋଇଥିଲେ। ଏଠାରେ ମିଗ୍-୨୧କୁ ଶେଷ ସାଲ୍ୟୁଟ (ୱାଟର ଗନ୍) ଦିଆଯାଇଥିଲା। ସୂର୍ଯ୍ୟକିରଣ ଟିମ୍ ରଣକୌଶଳ ପ୍ରଦର୍ଶନ କରିଥିଲା। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଦୀର୍ଘ ସମୟ ହେଲା ମିଗ୍-୨୧ ଅନେକ ସାହସିକ କାର୍ଯ୍ୟର ସାକ୍ଷୀ ରହିଛି। ଏହାର ଯୋଗଦାନ କୌଣସି ଗୋଟିଏ ଘଟଣା କିମ୍ବା ଗୋଟିଏ ଯୁଦ୍ଧରେ ସୀମିତ ନାହିଁ। ୧୯୭୧ ଯୁଦ୍ଧରୁ ନେଇ କାର୍ଗିଲ ସଂଘର୍ଷ ପର୍ଯ୍ୟନ୍ତ କିମ୍ବା ବାଲାକୋଟ ଏୟାରଷ୍ଟ୍ରାଇକରୁ ନେଇ 'ଅପରେସନ ସିନ୍ଦୂର' ଯାଏଁ ସବୁଥିରେ ମିଗ୍-୨୧ ସଶସ୍ତ୍ର ବାହିନୀକୁ ଅସୀମ ଶକ୍ତି ପ୍ରଦାନ କରିଛି। ସେନାର ବୀରତାର ଯାତ୍ରାରେ ଏହି ଲଢୁଆ ବିମାନର ଯୋଗଦାନ ରହିଛି। ଆଜି ଆମେ ଏହି ବିମାନକୁ ବିଦାୟ ଦେଉଛୁ। ମିଗ-୨୧କୁ ନେଇ ଗୌରବ ଏବଂ କୃତଜ୍ଞତା ରହିଛି। ଏହା କେବଳ ଏକ ମେସିନ ନୁହେଁ, ଭାରତ-ରୁଷ ବନ୍ଧୁତାର ସାକ୍ଷୀ ମଧ୍ୟ। ଭାରତରେ ୮୫୦ ମିଗ୍ ବିମାନ ଥିଲା।

ସୂଚନାଯୋଗ୍ୟ ଯେ ୧୯୫୬ରେ ମିଗ-୨୧ ସୋଭିଏତର ଆକାଶରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହା ୧୯୫୯ରେ ସୋଭିଏତ ୟୁନିୟନର ବାୟୁସେନା ଫ୍ଲିଟରେ ସାମିଲ ହୋଇଥିଲା। ୧୩ ମିଟର ଲମ୍ବ ବିଶିଷ୍ଟ ଏହି ବିମାନ ଥରକେ ୧୨୧୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହାର ଓଜନ ୯,୮୦୦ କେଜି। ଏହା ଘଣ୍ଟା ପ୍ରତି ୨୨୩୦ କିମି ବେଗରେ ଗତି କରିପାରିବ। ତେବେ ଏହି ଲଢୁଆ ବିମାନ 'ଉଡ଼ନ୍ତା କଫିନ' ଏବଂ 'ୱିଡୋ ମେକର' କୁହାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ପାଇଲଟ ପ୍ରାଣ ହରାଇ ଥିଲେ। ଏହି ବିମାନର ଯନ୍ତ୍ରାଂଶ ଏବଂ ଅନ୍ୟ ସରଞ୍ଜାମ ଗୁଡିକ ଶୀଘ୍ର ଖରାପ ହେଇ ଯାଉଥିଲା।

# 'ସମାନ ନାଗରିକ ସଂହିତା' ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ବିଜେପି ଶାସିତ କିଛି ରାଜ୍ୟ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କଲେଣି। କିନ୍ତୁ ବିରୋଧୀ ଦଳଗୁଡିକ ଏହାକୁ ବିରୋଧ କରୁଛନ୍ତି। ଏପରି ସମୟରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ୟୁସିସି ସପକ୍ଷରେ ରାୟ ଦେଇଛନ୍ତି।

## ପୋକ୍ସୋରେ ବାଲ୍ୟ ବିବାହ ଅପରାଧ, କିନ୍ତୁ ପର୍ସନାଲ ଲ'ରେ ନୁହେଁ

ସମାନ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି କୋର୍ଟ କହିଛନ୍ତି। ମୁସଲିମ ପର୍ସନାଲ ଲ'ରେ ବାଲ୍ୟ ବିବାହକୁ ଅନୁମତି ଦିଆଯାଇଛି। ମାତ୍ର ପୋକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ରେ ବାଲ୍ୟ ବିବାହ ଅପରାଧ। ଏହି ଆଇନଗୁଡ଼ିକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ଆଇନର ସ୍ପଷ୍ଟ ବାଖ୍ୟାର ଆବଶ୍ୟକତା ରହିଛି। ଏଭଳି ବିସଙ୍ଗତିଗୁଡିକୁ ୟୁସିସି ଦୂର କରିବ ବୋଲି ଜଷ୍ଟିସ ଅରୁଣ ମୋଙ୍ଗା କହିଛନ୍ତି।

ବିଚାରପତି କହିଛନ୍ତି ଯେ ଅନେକ ମାମଲାରେ କୋର୍ଟ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏବେ କ'ଣ ୟୁସିସି ଲାଗୁ କରିବାର ସମୟ ଆସିନାହିଁ କି? ୟୁସିସିରେ ଗୋଟିଏ ବ୍ୟବସ୍ଥା ରହିବ, ଯେଉଁଥିରେ ପର୍ସନାଲ ଲ' ଭଳି ଆଇନ ଆଉ ରାଷ୍ଟ୍ରୀୟ ଆଇନ ଉପରେ ଭାରି ହେବ ନାହିଁ। ୟୁସିସି କାର୍ଯ୍ୟକାରୀ କରିବାର ନିଷ୍ପତ୍ତିକୁ ଆଇନ ପ୍ରଣେତାଙ୍କ ବିବେକ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ମାମଲାର ସ୍ଥାୟୀ ସମାଧାନ ହେବା ଉଚିତ। ଜଣେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତ ହାମିଦ ରାଜାର ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ହାମିଦ ବିରୋଧରେ ଆଇପିସିର ଧାରା ୩୭୬ ଏବଂ ପୋକ୍ସୋ ଆଇନ ଲଗାଯାଇଥିଲା। ନାବାଳିକାଙ୍କ ସାବତ ବାପା ଏହି ଅଭିଯୋଗ ଦାଏର କରିଥିଲେ।

# ଚାଷୀକୁ ମୁଖ୍ୟମନ୍ତ୍ରୀ କରିଦିଅ; ଆମେ କ'ଣ ବାଟି ଖେଳିବାକୁ ଆସିଛୁ



ମୁମ୍ବାଇ, ୨୬।୯ (ଏଜେନ୍ସି): ମହିଳା ଆଇପିଏସ ଅଧିକାରୀଙ୍କୁ ଖୋଲମଖୋଲା ଧମକ ଦେଇ ବିବାଦରେ ଫସିଥିବା ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନ୍ସିପି ମୁଖ୍ୟ ଅଜିତ ପାୱାର ଏବେ ଗରିବ ଚାଷୀଙ୍କ ଉପରେ ରାଗ ଝାଡ଼ିଛନ୍ତି। ମରାଠାୱାଡ଼ା ଧାରାଶିବରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାକୁ ଯାଇ ସେ ଚାଷୀଙ୍କ ଉପରେ ଚିହିଁକି ଉଠିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବନ୍ୟା ଫସଲ କ୍ଷତି ହୋଇଥିବା ଦର୍ଶାଇ ଚାଷୀ ଋଣ ଛାଡ଼ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ। ଚାଷୀଙ୍କ ଉପରେ ଦାଉ ସାଧି ଥିଲେ। ଯେଉଁ ଚାଷୀ ଋଣ ଛାଡ଼ ଦାବି କରିଥିଲେ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଦିଅ ବୋଲି କହିଥିଲେ। ଆମେ କ'ଣ ବାଟି ଖେଳିବାକୁ ଆସିଛୁ ବୋଲି ପଚାରି ଥିଲେ। ଏହାକୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଜଣେ ରାଜନେତା ହୋଇ ସେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା କୁହାଯାଉଛି।

ଭାଇରାଲ ଭିଡିଓରେ ଅଜିତ ପାୱାର କହୁଛନ୍ତି ଯେ ସକାଳ ୬ଟାରୁ ମୁଁ ଆଜି କାର୍ଯ୍ୟାରମ୍ଭ କରିଛି। ଯିଏ କାମ କରୁଛି ତାକୁ ଖାଲି ଆପଣମାନେ ସମାଲୋଚନା

## ଋଣଛାଡ଼ ଦାବିରେ ରାଗିଗଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

କରୁଛନ୍ତି। ଭଉଣୀମାନଙ୍କୁ ଆମେ ବହୁତ କିଛି ସହାୟତା କରିଛୁ। ବର୍ଷକୁ ୪୫ ହଜାର କୋଟିର ସହାୟତା ଦେଉଛୁ। ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁଛୁ। ଏ ବାବଦକୁ ୨୦ ହଜାର କୋଟି ଟଙ୍କା ଦିଆଯାଇଛି। ତେଣୁ ଟଙ୍କାକୁ ନେଇ ଦେଖେଇ ହୁଅନ୍ତୁ ନାହିଁ ବୋଲି ଅଜିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସରେ ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣାଙ୍କ ସହ ପାୱାର ଯୁକ୍ତି କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା।

# ଲଦାଖ ହିଂସା ପାଇଁ ବନ୍ଧାହେଲେ ୱାଙ୍ଗଚୁକ୍



ଲେହ, ୨୬।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହି ହିଂସା ପାଇଁ ସରକାର ତାଙ୍କୁ ଦାୟୀ କରିଛନ୍ତି। ସେ ଉସୁକାଇବା ଭଳି ମନ୍ତବ୍ୟ ଦେବାରୁ ହିଂସା ହେଲା ବୋଲି କୁହାଯାଇଛି। ତେବେ ସେ ଦିନକ ତଳେ ନିଜକୁ ନିର୍ଦ୍ଦୋଷ କହିଥିଲେ। ଏହି କାରଣରୁ ଯେକୌଣସି ସମୟରେ ଗିରଫ କଲେ ଖୁସି ହେବି ବୋଲି କହିଥିଲେ। କିନ୍ତୁ କେଉଁ ମାମଲାରେ ତାଙ୍କୁ ଗିରଫ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୱାଙ୍ଗଚୁକଙ୍କ ବିରୋଧରେ ନ୍ୟାସନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସଏ) ଲଗାଯାଇଛି। ତାଙ୍କୁ ଗିରଫ କରି ଅଜ୍ଞାତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ରାତିରେ କିମ୍ବା ଶନିବାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ଏନ୍ଏସଏ ଅଧିନରେ ଅଭିଯୁକ୍ତକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ସୁରକ୍ଷା ଏଜେନ୍ସିକୁ ଅନୁମତି ଦିଆଯାଇଛି। ଏହା ସହିତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଲଦାଖରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଭୁଲ୍ ସୂଚନା ପ୍ରଚାରପ୍ରସାରକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଗତ ୨୪ ତାରିଖରେ ହୋଇଥିବା ହିଂସା ପରଠାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲେହରେ କର୍ଫ୍ୟୁ ଜାରି ରହିଛି। ସ୍କୁଲ-କଲେଜଗୁଡିକୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଲେହକୁ ରାଜ୍ୟମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ସାମିଲ ଦାବିକୁ ନେଇ ବିକ୍ଷୋଭ ଚାଲିଥିବାବେଳେ ଏହି ହିଂସା ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ପୁଲିସ କର୍ମଚାରୀଙ୍କ ସମେତ ୮୦ରୁ ଅଧିକ ଆହତ ହୋଇଥିଲେ। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୦ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ସଂସ୍ଥା ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲଚୁରାଲ ମୁଭମେଣ୍ଟ ଅଫ ଲଦାଖ (ଏସଇସିଏମଓଏଲ)ର ବିଦେଶୀ ଫଣ୍ଡିଂ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ରଦ୍ଦ କରିଦେଇଛି। ଏହି ସଂସ୍ଥା ବିଦେଶୀ ପାଣ୍ଠି ସଂଗ୍ରହ ନିୟମକୁ ଉଲ୍ଲଙ୍ଘନ କରିଛି ବୋଲି କୁହାଯାଇଛି। ସେହିପରି ସିବିଆଇ ୱାଙ୍ଗଚୁକ୍‌ଙ୍କ ଆଉ ଏକ ଏନ୍‌ଜିଓ ହିମାଲୟାନ ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭସ ଲଦାଖ (ଏଚଆଇଏଏଲ)ର ବିଦେଶୀ ଫଣ୍ଡିଂ (ଏଫ୍‌ସିଆରଏ) ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ମଧ୍ୟ ଏଫ୍‌ସିଆରଏ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଲାଗିଛି। ସିବିଆଇ ଟିମ୍ ବି ଏହି ଏନ୍‌ଜିଓର ଆକାଉଣ୍ଟ ଏବଂ ରେକର୍ଡ ଯାଞ୍ଚ କରୁଛି।

ୱାଙ୍ଗଚୁକ କହିଛନ୍ତି ଯେ ତିନୋଟି ମାମଲାରେ ମିଳିତ ଜାତିସଂଘ, ସ୍ୱିଜରଲାଣ୍ଡର ଏକ ୟୁନିଭର୍ସିଟି ଏବଂ ଇଟାଲୀର ଏକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ନେଇ ସରକାରଙ୍କୁ

## ଅଜ୍ଞାତ ସ୍ଥାନରେ ରଖାଯାଇଛି

## ତୃତୀୟ ଦିନରେ ଲଦାଖରେ କର୍ଫ୍ୟୁ

ଟିକସ ମଧ୍ୟ ଦିଆଯାଇଥିଲା। ସିବିଆଇ କେବଳ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତର ରେକର୍ଡ ଯାଞ୍ଚ କରିବାର ଥିଲା। କିନ୍ତୁ ଏବେ ୨୦୨୦ ଏବଂ ୨୦୨୧ର ରେକର୍ଡ ବି ଦେଖୁଛି। ବାହାରର ସ୍କୁଲରୁ ମଧ୍ୟ କାଗଜପତ୍ର ମଗାଯାଉଛି। ପ୍ରଥମେ ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ଲଗାଇ ଥିଲା। ଚାରି ବର୍ଷ ତଳର ଏକ ପୁରୁଣା ମାମଲା ମଧ୍ୟ ଖୋଲିଥିଲା। ଏଥିରେ ଶ୍ରମିକଙ୍କୁ ଦରମା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ନିକଟରେ ଏଚଆଇଏଲ ପକ୍ଷରୁ ଦିଆଯାଇଥିବା ଜମି ପଟ୍ଟାକୁ ସରକାର ଖାରଜ କରିଦେଇଥିଲେ। ଲିଜ୍ ବାବଦ ଦେୟ ଦିଆଯାଇ ନ ଥିବା କୁହାଯାଇଥିଲା। କିନ୍ତୁ ସରକାର ଦେୟ ଗ୍ରହଣ କରିଥିବା ନେଇ ତାଙ୍କ ପାଖରେ ପ୍ରମାଣ ରହିଛି। ଆୟକର ବିଭାଗ ମଧ୍ୟ ତାଙ୍କୁ ନୋଟିସ ପଠାଇଛି। ଅନ୍ୟପଟେ ୱାଙ୍ଗଚୁକ୍‌ଙ୍କ ଗିରଫକୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏଭଳି ସ୍ଥିତି ସୃଷ୍ଟି ହେବାକୁ ବିଜେପି କାହିଁକି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜାତିସଂଘରେ ନେତନ୍ୟାହୁଙ୍କୁ ବୟକଟ୍


ନ୍ୟୁୟର୍କ, ୨୬।୯ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଗିରଫ ହେବାର ଭୟ ଘାରିଛି। ତେଣୁ ସେ ମାର୍ଗ ବଦଳାଇ ଆମେରିକାରେ ପହଞ୍ଚିଛନ୍ତି। ୫ ୟୁରୋପୀୟ ଦେଶର ବାୟୁସୀମା ନ ଦେଇ୬୦୦ କିମି ଅଧିକ ଯାତ୍ରା କରି ଜାତିସଂଘ ସାଧାରଣ ପରିଷଦ ବୈଠକ (ୟୁଏନଜିଏ)ରେ ଅଭିଭାଷଣ ଦେବାକୁ ପହଞ୍ଚିଛନ୍ତି। କାରଣ ଗାଜାରେ ନରସଂହାରକୁ ନେଇ ଆଇସିସି ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ, ଆୟରଲାଣ୍ଡ ଆକାଶ ମାର୍ଗ ଦେଇ ଯାଇଥିଲେ ତାଙ୍କୁ ଗିରଫ କରାଯିବାର ଆଶଙ୍କା ଥିଲା। ଅନ୍ୟପଟେ ନେତନ୍ୟାହୁଙ୍କ ଅଭିଭାଷଣକୁ ଜାତିସଂଘରେ ବୟକଟ୍ କରାଯାଇଛି। ସେ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅନେକ ଦେଶର କୂଟନୈତିଜ୍ଞ ହଲ୍ ଛାଡ଼ି ପଳାଇଛନ୍ତି। ଏହା ସତ୍ତ୍ୱେ ସେ ଭାଷଣ ଜାରି ରଖିଥିଲେ। ଇସ୍ରାଏଲ ନିଜର ସବୁ ଶତ୍ରୁଙ୍କୁ ନିହତ କରିଛି ବୋଲି କହିଥିଲେ।

# ମୋଦୀ-ପୁଟିନଙ୍କୁ ନେଇ ନାଟୋ ମୁଖ୍ୟଙ୍କ ଅପପ୍ରଚାର

## ତୀବ୍ର ବିରୋଧ କଲା ଭାରତ

## ଏଭଳି ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହଁ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଏହା ପାଇବା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାକୁ ନେଇ ସେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଅସ୍ତ୍ର କରିଛନ୍ତି। ଆଉ ଭାରତରେ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନ୍‌ରେ କଥା ହୋଇଥିବା ମାର୍କ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷଠାରୁ ତୈଳ କିଣୁଥିବାରୁ ଏଥିରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ରହିଛି। ଏହାର ଗଭୀର ପ୍ରଭାବ ମସ୍କୋ ଉପରେ ପଡ଼ିଛି। ଏହାକୁ ନେଇ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ଫୋନ ଯୋଗେ ଆଲୋଚନା ଜାରି ରହିଛି। ଏହି ବାର୍ତ୍ତାଳାପରେ ମୋଦୀ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଯୋଜନା ବିଷୟରେ ପୁଟିନଙ୍କୁ ପଚାରି ଥିଲେ। ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଭାରତ ଏବଂ ରୁଷ୍ ମଧ୍ୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇଛି। ଏବେ ଭାରତ ଏହାର ମୁଖା



ଖୋଲି ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସମ୍ପୂର୍ଣ୍ଣ ଆଧାରହୀନ କହିଛି।

ନାଟୋ ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଦୃଢ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପକୁ ନେଇ ନାଟୋ ମୁଖ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏହା ଆଧାରହୀନ ଏବଂ ଭ୍ରମାତ୍ମକ। ମାର୍କଙ୍କ ମନ୍ତବ୍ୟରେ କୌଣସି ସତ୍ୟତା ନାହିଁ। ମୋଦୀ ଏବଂ ପୁଟିନଙ୍କ ମଧ୍ୟରେ ଏଭଳି କୌଣସି ଆଲୋଚନା ହୋଇନାହିଁ। ଉଭୟ ନେତାଙ୍କୁ ନେଇ ନାଟୋ ମୁଖ୍ୟ ଏଭଳି ଆଧାରହୀନ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ। ଏଭଳି ଟିପ୍ପଣୀକୁ କଦାପି ସ୍ୱୀକାର କରାଯିବ ନାହିଁ। ନାଟୋ ଭଳି ସଂଗଠନର ମୁଖ୍ୟ ଅଧିକ ଦାୟିତ୍ୱବାନ ହେବା ଉଚିତ। କିନ୍ତୁ ଏଭଳି ଟିପ୍ପଣୀ ନୈରାଶ୍ୟଜନକ। ନାଟୋ ପକ୍ଷରୁ ଏଭଳି ଟିପ୍ପଣୀ ଦିଆ ନ ଯିବା ଉଚିତ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ଶକ୍ତି ଆମଦାନୀ ନେଇ ନିଷ୍ପତ୍ତି ନେଇଥାଏ। ଭାରତୀୟ ଗ୍ରାହକମାନଙ୍କୁ କମ୍ ଦାମରେ ଏବଂ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।



## ଆଜିର ରାଶିଫଳ

**ମେଷ:** ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ପରିବାରର ଦାୟିତ୍ୱ ବଢ଼ିପାରେ। ଲେଖକ/ଲେଖିକାଙ୍କ ପାଇଁ ଦିନଟି ବହୁତ ଭଲ। ଅତିଥି ସତ୍କାର କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**କର୍କଟ:** ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଦୀର୍ଘ ଦିନରୁ ଚାଲିଥିବା ପାରିବାରି ସମସ୍ୟାରୁ ମୁକ୍ତି ମିଳିବ। ପିଲାଙ୍କ ଗତିବିଧି ଉପରେ ମା' ମାନେ ନଜର ରଖନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ କରନ୍ତୁ।

**ସିଂହ:** ରାଜନେତାଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପଡୋଶୀଙ୍କ ସହ ଛୋଟ ଛୋଟ କଥାରେ ମନୋମାଳିନ୍ୟ ହୋଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ।

**ବିଚ୍ଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୭୬୦- ମୀର୍ କାସିମ୍ ବଙ୍ଗର ନବାବ ହେଲେ।
- ୧୮୩୩- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦେହାନ୍ତ।
- ୧୯୦୭- ମହାନ୍ କ୍ରାନ୍ତିକାରୀ ଭଗତ ସିଂହଙ୍କ ଜନ୍ମ।
- ୧୯୩୯- ପୋଲାଣ୍ଡ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲା।
- ୧୯୯୮- ସର୍ଚ୍ଚ ଇଞ୍ଜିନ୍ 'ଗୁଗ୍‌ଲ'ର ସ୍ଥାପନା ହୋଇଥିଲା।
- ୨୦୦୫- ବିଲ୍ ଗେଟ୍‌ସ ଲଗାତାର ଏଗାର ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ।

# ୩୦ ବର୍ଷ ଧରି ପିଉଛନ୍ତି ଇଞ୍ଜିନ୍ ଅଏଲ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ଏହି କ୍ରମରେ କର୍ଣ୍ଣାଟକରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ତିନି ଦଶନ୍ଧି ଧରି ଭାତ ରୁଟି ଛାଡ଼ି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ଅଛନ୍ତି। ନିକଟରେ ଏହି ବ୍ୟକ୍ତିଙ୍କର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଶିବମୋଗା ଜିଲ୍ଲାରେ ରହୁଥିବା ଏହି ବ୍ୟକ୍ତି ଜଣକ ଅଏଲ କୁମାର ନାଁରେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ସେ ନିତିଦିନ ପାଖାପାଖି ସାତରୁ ଆଠ ଲିଟର ଇଞ୍ଜିନ୍ ଅଏଲ୍ ପିଇଥାନ୍ତି। ଏହାବାଦ୍ ପ୍ରତିଦିନ ସେ ଚା' ମଧ ପିଅନ୍ତି। ଭାଇରାଲ ଭିଡିଓରେ ଲୋକେ ତାଙ୍କୁ ଖାଦ୍ୟ ଯାଚୁଥିବାର ଦେଖାଯାଇଛି। ସେ କିନ୍ତୁ ଖାଦ୍ୟକୁ ଆଡ଼େଇ ଦେଇ ଇଞ୍ଜିନ୍ ଅଏଲ୍ ପିଉଥିବାର ଦେଖାଯାଇଛି। ଉଲ୍ଲେଖନୀୟ କଥାଟି ହେଉଛି, ତିରିଶ ବର୍ଷ ଧରି ଇଞ୍ଜିନ୍ ଅଏଲ୍ ପିଇବା ସତ୍ତ୍ୱେ ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ନାହିଁ। ଏପରିକି ସେ ଏଥିପାଇଁ ମେଡିକାଲ ମଧ ଯାଇ ନାହାନ୍ତି। ସେ କିଛି ରୋଗରେ ମଧ ପୀଡ଼ିତ ହୋଇ ନାହାନ୍ତି। ଏନେଇ ଅଏଲ୍ କୁମାରଙ୍କ କହିବା କଥା, ତାଙ୍କ ଜୀବନ ଭଗବାନ ଅୟପ୍ପାଙ୍କ କୃପାରୁ ଚାଲିଛି। ଭଗବାନଙ୍କ ଆର୍ଶୀବାଦ ନ ଥିଲେ ସେ ଏତେ ବର୍ଷ ଜିଇ ନ ଥାନ୍ତେ। ଇଞ୍ଜିନ୍ ଅଏଲ୍ ପେଟ୍ରୋଲିୟମ୍‌ରୁ ତିଆରି ହେଉଥିବାରୁ ମଣିଷ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ବିପଜ୍ଜନକ ବୋଲି କୁହାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏହାକୁ ପିଇ ଦିଅନ୍ତି ଏହା ପାଚନତନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେବେ ଏହି ବ୍ୟକ୍ତି ଜଣକ ଏତେ ଦିନ ଧରି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ବିଶ୍ୱ ପର୍ଯ୍ୟଟନ ଦିବସ



ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହାବାଦ୍ ପର୍ଯ୍ୟଟକମାନେ ବିଭିନ୍ନ ଦେଶ ବୁଲି ସେଠାକାର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କୁ ପରସ୍ପରର ନିକଟତର ହେବାର ସୁଯୋଗ ଦେବା, ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ଏହି ଦିବସ ବାର୍ତ୍ତା ପ୍ରଦାନ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନସ୍ଥଳଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ୧୯୮୦ ମସିହାରୁ ସେପ୍ଟେମ୍ବର ୨୭ ତାରିଖକୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସର ବିଶେଷତ୍ୱ ହେଲା ଯେ, ୧୯୭୦ ମସିହା ଏହି ଦିନ ମିଳିତ ଜାତିସଂଘ, ବିଶ୍ୱ ପର୍ଯ୍ୟଟନ ସଂଗଠନର (UNWTO) ଆଇନକୁ ମାନ୍ୟତା ଦିଆଯାଇଥିଲା। ବିଶ୍ୱସ୍ତରରେ ପର୍ଯ୍ୟଟନକୁ ବିଶେଷ ପ୍ରୋତ୍ସାହନ ଦେବା ସନ୍ଦର୍ଭରେ ଏହି ଆଇନଗତ ପ୍ରକ୍ରିୟା ଏକ ମାଇଲ୍ ଖୁଣ୍ଟ ସଦୃଶ। ପର୍ଯ୍ୟଟନ ସହିତ ଜଡ଼ିତ ଥିବା ଲୋକଙ୍କ ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ଦିନ ପର୍ଯ୍ୟଟନ ଏବଂ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଭିନ୍ନ ବିଷୟବସ୍ତୁ ରହିଥାଏ। ଏ ବର୍ଷର ବିଷୟବସ୍ତୁ ହେଉଛି 'Tourism and Sustainable Transformation'।

# କିଆରାଙ୍କ ସ୍ଥାନ ନେବେ ଅନୀତ!



'ସୈୟାରା' ଫିଲ୍ମରୁ ଅନୀତ ପଡ୍ଡା ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି। ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଅନୀତଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଥିବା ଚର୍ଚ୍ଚା ହେଉଛି। ଦିନେଶ ବିଜନଙ୍କ ହରର୍ କମେଡି ୟୁନିଭର୍ସର ଆଗାମୀ ଫିଲ୍ମ 'ଶକ୍ତି ଶାଳିନୀ'ରେ ସେ ଲିଡ୍ ରୋଲରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏହି ଫିଲ୍ମ ପାଇଁ କିଆରା ଆଡଭାନୀଙ୍କୁ ଫାଇନାଲ କରାଯାଇଥିଲା। ଏବେ କିଆରାଙ୍କ ସ୍ଥାନ ଅନୀତ ନେବେ ବୋଲି ନିକଟରେ କିଛି ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ସାମାଜିକ ଗଣମାଧମରେ ଭାଇରାଲ ହେବାପରେ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏଥିରେ କୁହାଯାଇଛି, 'ମହାମୁଞ୍ଜ୍ୟା' ଓ 'ଶକ୍ତି ଶାଳିନୀ'ର କଳାକାରଙ୍କୁ ନେଇ ଆସିଥିବା ଖବର ପୂରାପୂରି ଗୁଜବ। ଏନେଇ ଆମେ ବିଧିବଦ୍ଧ ଭାବେ କିଛି ଘୋଷଣା କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।' ମ୍ୟାଡକ୍ ଫିଲ୍ମର ସ୍ପଷ୍ଟୀକରଣ ପରେ ବି ଦର୍ଶକେ କିଆରାଙ୍କ ଠାରୁ ଅନୀତ ଭଲ ବିକଳ୍ପ ବୋଲି କହିଛନ୍ତି। 'ଶକ୍ତି ଶାଳିନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ସରପୋତଦାର ଅଛନ୍ତି। ଏହାର ସୁଟିଂ ୨୦୨୫ ଶେଷ ଆଡ଼କୁ ଆରମ୍ଭ ହେବ।

## ଗାନ୍ଧୀ ଜୟନ୍ତୀ



ଭୋଜରାଜ ବୁଡ଼

ଧନ୍ୟ ଧନ୍ୟ ରାଜ୍ୟ ଗୁଜରାଟ,
କୋଳେ ଲଭିଲୁ ପରମ ସୁତ,
ଅଠରଶ ଅଣସ୍ତରୀ ଅକ୍ଟୋବର,
ଦୁଇ ତାରିଖେ କଲୁ ଭୂମିଷ୍ଠ ॥
ଧନ୍ୟ କରମ ଚାନ୍ଦ ଗାନ୍ଧୀ ତାତ,
ପୁତୁଳି ବାଈ ଧନ୍ୟ ତୁମେ ମାତ,
ପୂରୁବ ସୁକୃତ ବଳେ କଲ ଜାତ,
ଦେଶପ୍ରେମୀ, ଗୁଣୀ, ଜ୍ଞାନୀ ସୁତ ॥
ଆହେ ବରେଣ୍ୟ ମହାମାନବ,
ତୁମ ନାମ କି କେହି ଭୁଲିବ,
ଦେଶଦଶ ଲାଗି ପ୍ରାଣବଳି ଦେଲ,
ତା'ର ଦୃଷ୍ଟାନ୍ତ କି କାହିଁ ଥିବ ॥
ଯୋଗୀ ପରି କରମ ସାଧିଲ,
ଦୈତ୍ୟ ଫିରିଙ୍ଗି ବଳ ଭାଙ୍ଗିଲ,
ତେର ନଈ ସାତ ଦରିଆ ସେପାରେ,
ବିନା ଅସ୍ତ୍ରେ ରାକ୍ଷସେ ତଡ଼ିଲ ॥
ପରାଧୀନ ଶୃଙ୍ଖଳ ଛିଣ୍ଡିଲା,
ସ୍ୱାଧୀନତା ସୂରୁଜ ଉଇଁଲା,
ଦେଶ ଜନନୀର ତପ୍ତ ଅଶ୍ରୁଧାର,
ଚିର ଦିନ ପାଇଁ ପୋଛିଦେଲା ॥
ଆମେ ତୁମରତ ବଂଶଧର,
ବକ୍ଷେ ବହେ ତୁମ ରକ୍ତଧାର,
ହେବୁ ଯୋଗ୍ୟସୁତ ଭାରତ ମାତାର,
ସ୍ୱର୍ଗେ ଥାଇ ସୁଆଶିଷ କର ॥
ଆଜି ପାଳୁଛୁ ତବ ଜୟନ୍ତୀ
କରୁ ଭିକ୍ଷା ଦିଅ ହେ ଶକତି,
କୁଟି ଖାଇ କାଟି ପିନ୍ଧିଣ ସାହସେ,
ମାନି ଚଳିବୁ ଅହିଂସା ନୀତି ॥ ■

ପାଇକମାଳ, ବରଗଡ଼
ମୋ- ୬୩୭୧୯୮୭୫୪୨






ଅନସୂୟା ପଣ୍ଡା

ସଜ ହେଲାଣି ଧରଣୀ ରାଣୀ
ଆସିବେ ବୋଲି ମାଆ
ରଙ୍ଗୋଲୀ ଶେଫାଳି ବସି ଆଙ୍କିଲାଣି
କାଶ ଫୁଲରେ ଚାମର କରେ ବାଆ।
ହସୁଛି ଆଜି ଧଳା ବଉଦ
ଆକାଶେ ଲେଖି ସ୍ୱାଗତ ଗୀତ
ମଣ୍ଡପ ସବୁ ସଜ ହେଲାଣି
ମାଆ ଆସିବେ ସଭିଙ୍କ ମନ ପ୍ରୀତ।
ଜାଗଇ ମନେ ଭକତି ଭାବ
ଖେଳେ ମନରେ ମିଠା ଆବେଗ
ସଜାଏ ବୋଉ ଘର ଦୁଆର
ତିଆରି କରେ ନାନା ଜାତିର ଭୋଗ।
କୁନା ଆଣିଛି ନୂଆ ସାର୍ଟ
ଯିବ ଦେବୀ ମେଢ଼କୁ ଦେଖି
ରୂପା ସୁନାର ସାଜ ସଜାରେ
ଝଲସି ଯିବ ତା' ଆଖି।
ନୂଆ ଖେଳଣା ଆଣିବ ବୋଲି
ଲାଗିଛି ତା'ର ମନରେ ପରା ଜିଦି
ଫାଷ୍ଟ ଫୁଡ୍ ଖାଇବ ବୋଲି
ତେଲ ମାରୁଛି ଭାଇକୁ ନିଇତି।
ମାଆ ପାଖରେ ରଖିବ ଅଳି
ଦୁର୍ଦ୍ଦିନ ଦୁର୍ବିପାକ ଯାଉ ସରି
ଶାନ୍ତି ସେନେହର ବରଷା ହେଉ
ଜଗତ ଯାଉ ଖୁସି ଗୀତରେ ଭରି। ■

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୭୧







## ଭଲ୍ଲୁକ ରଜାର ବିଚାର



ସୁବ୍ରତ ଦାସ

ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟ କରି ସବୁ ପଶୁପକ୍ଷୀମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି। କେତେକ ପଶୁ ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଉକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରୁ ନ ଥାନ୍ତି। ଏହିଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉ ଥାଆନ୍ତି। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାନ୍ତି। ମହାରାଜ କହିଲେ, ଦେଖ ମୁଁ ବୁଢ଼ା ହୋଇଗଲିଣି। ତେଣୁ ମୋ' ପରେ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖଦୁଃଖର ସାଥି ହେବା ସହ ତୁମ୍ଭମାନଙ୍କୁ ସବୁ ବିପଦରୁ ରକ୍ଷା କରି ପାରୁଥିବ। ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଡକାଗଲା। ବିଲୁଆ, ମାଙ୍କଡ଼, କଜଳପାତି, ଠେକୁଆ ସମସ୍ତ ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରେ ରୁଣ୍ଡ କରିବା ପାଇଁ ଦାୟିତ୍ୱ ନେଲେ। ସମସ୍ତେ ମିଶି ଜଙ୍ଗଲର ଜୀବଜନ୍ତୁମାନଙ୍କୁ ଖବର ଦେଲେ। କିଛି ସମୟ ପରେ ସଭା ଆରମ୍ଭ ହେଲା। ମାଙ୍କଡ଼ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇଦେଲା। ବିଲୁଆ କହିଲା, ଭାଇ ଭଉଣୀମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି। ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ। ଆମର ଯିଏ ରାଜା ହେବ ସେଯେମିତି ଆମର ସବୁ ସୁବିଧା ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ। ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ। ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଲା। ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଇ କହିଲା, ସିଂହ ସବୁଠୁ ବଳବାନ ପ୍ରାଣୀ। ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ। ତାକୁ ସମସ୍ତେ ଭୟ କରନ୍ତି। ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ। ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ। ତାର ଗୋଟିଏ ଗର୍ଜନରେ ସାରା ଜଙ୍ଗଲ ଥରହର ହୋଇଯାଏ। ତା' ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ। ତେଣୁ ହସ୍ତୀକୁ ରଜା କରାଯାଉ। ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ। ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ। ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ନାହିଁ। ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି। ସେମାନେ ମଧ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ ମତ ଦେବାର ଅଧିକାର ଅଛି। ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା। ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ, ଆମେ ସମସ୍ତେ ତାଙ୍କ ପାଖକୁ ଯିବା। ତାଙ୍କର ମତାମତ ନେବା। ସମସ୍ତେ ସାଙ୍ଗ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ। ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ। ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭମାନଙ୍କର ମତାମତ ନେବାକୁ ଆସିଛୁ। କିଏ ଜଙ୍ଗଲର ରଜା ହେବ? ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ। କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ। ତେଣୁ ଆମକୁ ସୁରକ୍ଷା ଦେବା ପାଇଁ କେବଳ ହାତୀ ହିଁ ଭରସାଯୋଗ୍ୟ। ତେଣୁ ହାତୀ ରଜା ହେବା ଉଚିତ୍। ଏହି ସମୟରେ ବେଙ୍ଗଟିଏ ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ। କାରଣ ଆମ୍ଭେ ବେଙ୍ଗ ଜାତି ଖୁବ୍ ଛୋଟ ଆଉ ଦୁର୍ବଳ ପ୍ରାଣୀ। ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ। କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲାବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ। ସେ ସର୍ବଦା ଉପରକୁ ଅନାଇ ଚାଲେ, ତା'ର ନଜର ତଳକୁ କେବେ ପଡେ ନାହିଁ। ମାତ୍ର ହସ୍ତୀ ଏତେ ବଡ଼ ଜୀବ ହେଲେ ବି ଛୋଟ ଜୀବଙ୍କ ପ୍ରତି ଖୁବ୍ ଯତ୍ନଶୀଳ। କେବେ ବି ଆମ ଶାବକଙ୍କ ଉପରେ ପାଦ ପକାଏ ନାହିଁ। ସବୁବେଳେ ତଳକୁ ନଜର ଦେଇ ଚାଲିଥାଏ। ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ। ସମସ୍ତ ଜୀବଜନ୍ତୁମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ। ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହଁ ଠିକ୍ କଥା। ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ ଉପରେ ନଜର ରଖି ତାଙ୍କୁ ସାହାଯ୍ୟ, ସହାୟ ହେବା ଉଚିତ୍। ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା। ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ଼ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ। ■

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩

## ପ୍ରହେଳିକା

- ଦଶ ହାତେ ଦଶ ଅସ୍ତ୍ର ସେ ଧରି
ଧରାକୁ ଆସନ୍ତି ସେ ଅବତରୀ
କରିଥିଲେ ଯିଏ ଦୁଷ୍ଟ ସଂହାର
ଶରତରେ ଚାଲେ ପୂଜା ତାଙ୍କର
ମଣ୍ଡପରେ ବିଜେ କରନ୍ତି ସିଏ
ନାମଟି ତାଙ୍କର କହିବ କିଏ?

ଉ-ଦେବୀ ଦୁର୍ଗା

- ପବନ ସାଥିରେ ଖେଳଇ ଦୋଳି
ନଈପଠାରେ ଘର ସେ କରି
ଧବଳ ରଙ୍ଗରେ ମୁରୁକି ହସେ
ଧରଣୀ ସୁନ୍ଦର ତା'ର ପରଶେ
ପାର୍ବଣ ଋତୁକୁ ସଜାଏ ସିଏ
ନାମଟି ତାହାର କହିବ କିଏ ?

ଉ-କାଶତଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଛୋଟ ଅଙ୍କଉ ଛୁଆ






ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





ମାନସ ରଞ୍ଜନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ସ୍ମୃତିରେଖା ବାସ୍କେ
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ





ମନୀଷା ନାଏକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡିଆ, ମୟୂରଭଞ୍ଜ

## ଏସିଆ କପ୍: ଭାରତ-ଶ୍ରୀଲଙ୍କା ସୁପର-୪ ମୁକାବିଲା

# ଅଭିଷେକଙ୍କ ଆଉ ଏକ ବିସ୍ଫୋରକ ଅର୍ଦ୍ଧଶତକ

ଦୁବାଇ,୨୬।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଅବ୍ୟାହତ ରହିଛି। ଶ୍ରୀଲଙ୍କା ବିପକ୍ଷ ସୁପର-୪ ମୁକାବିଲାରେ ଅଭିଷେକ ୨୨ ବଲରେ ଅର୍ଦ୍ଧଶତକ ଓ ୩୧ ବଲ୍‌ରେ ୮ ଚୌକା ଓ ୨ଛକା ସହ ୬୧ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨ ଓଭର ଖେଳ ଶେଷ ସୁଦ୍ଧା ୩ ୱିକେଟ ବିନିମୟରେ ୧୨୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ତିଲକ ବର୍ମା ୧୬ ବଲ୍‌ରେ ୨୪ ଓ ୱିକେଟରକ୍ଷକ ସଞ୍ଜୁ ସାମସନ ୧୦ ବଲ୍‌ରେ ୧୨ ରନ୍ କରି ବ୍ୟାଟିଂ କରୁଥିଲେ। ଅନ୍ୟ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଶୁବମନ ଗିଲ୍ ୪ ଓ ଫର୍ମରେ ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୩ ବଲ୍‌ରେ ୧୨ ରନ୍ କରି ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମାହୀଶ ଥିକ୍‌ସାନା, ୱାନିନ୍ଦୁ ହାସରଙ୍ଗା ଓ ଚାରିତ ଆଶାଲଙ୍କା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

ଅଭିଷେକ ଶର୍ମା ୟୁଏଇ ବିପକ୍ଷରେ ୩୦, ପାକିସ୍ତାନ ବିପକ୍ଷରେ ୩୧, ଓମାନ ବିପକ୍ଷରେ ୩୮, ସୁପର-୪ରେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନ୍ କରି ଏସିଆ କପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ କରିବାରେ ରେକର୍ଡ କରିଛନ୍ତି।



### ଫାଇନାଲରେ ପାକିସ୍ତାନ

ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରଥମଥର ଏସିଆ କପ୍ କ୍ରିକେଟ ଫାଇନାଲ ମୁକାବିଲା ହେବ। ଚଳିତବର୍ଷ ଟି-୨୦ ଫର୍ମାଟରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଦୁବାଇରେ ରବିବାର ୨୮ ତାରିଖରେ ଖେଳାଯିବ। ସୁପର-୪ ପର୍ଯ୍ୟାୟରେ ଉଭୟ ପାକିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ୧୧ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ବିଜୟ ସହ ପାକିସ୍ତାନ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ସୁପର-୪'ର ଶେଷ ମୁକାବିଲା ଭାରତ ଓ ଶ୍ରୀଲଙ୍କା




ମଧ୍ୟରେ ଖେଳାଯିବ। ଏଠାରେ ଗୁରୁବାର ଖେଳାଯାଇଥିବା ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ପ୍ରତିପକ୍ଷ ବାଂଲାଦେଶ ଆଗରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୯ ୱିକେଟରେ ୧୨୪ ରନ୍ କରିପାରିଥିଲା। ଦଳ ପକ୍ଷରୁ ଶମିମ ହୋସେନ ସର୍ବାଧିକ ୩୦ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ଦୁଇ ଫାଷ୍ଟ ବୋଲର ସାହିନ ଆଫ୍ରିଦୀ ଓ ହାରିସ ରୌଫ୍ ୩ଟି ଲେଖାଏଁ, କାମଚଳା ସ୍ପିନର ସାଏମ ଆୟୁବ ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚରେ ବାଂଲାଦେଶ ବ୍ୟାଟରମାନେ ଅନାବଶ୍ୟକ ସଟ ଖେଳି ଜିତିବା ମ୍ୟାଚ୍‌କୁ ହାରିବାରେ ପରିଣତ କରିଥିଲେ।

● ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ

## ରୌଫ୍, ସୂର୍ଯ୍ୟକୁମାରଙ୍କୁ ଆର୍ଥିକ ଦଣ୍ଡ






ଦୁବାଇ,୨୫।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମୁକାବିଲାବେଳେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଉଭୟ ଦେଶର ଦୁଇ ଖେଳାଳି ଦଣ୍ଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଓ ଭାରତୀୟ ଅଧିନାୟକ ଆଇସିସି ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମ୍ୟାଚ୍ ଫି'ର ୩୦ ଶତକଡ଼ା ଦଣ୍ଡ ଆକାରରେ କାଟି ନିଆଯାଇଛି। କିନ୍ତୁ ବନ୍ଧୁକ ମାରିବା ଆକ୍ସନରେ ଅର୍ଦ୍ଧଶତକ ସିଲେବ୍ରେସନ କରିଥିବା ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍‌ଙ୍କୁ କେବଳ ଚେତାବନୀ ଦିଆଯାଇ ଛାଡ଼ିଦିଆଯାଇଛି। ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ନ ଥିବା କିମ୍ବା ପ୍ରତିପକ୍ଷ ଖେଳାଳି କିମ୍ବା ସମର୍ଥକଙ୍କୁ ଉସୁକାଇ ନ ଥିବା ରିଚାର୍ଡସନଙ୍କର ହୃଦ୍‌ବୋଧ ହୋଇଥିଲା। ଗୁରୁବାର ଏଠାରେ ରିଚାର୍ଡସନ ଉଭୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଜି ସେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ପାକିସ୍ତାନକୁ ଲିଗ୍ ମ୍ୟାଚ୍‌ରେ ହରାଇବା ପରେ ଦେଇଥିବା ପ୍ରତିକ୍ରିୟାରେ ଦଳର ବିଜୟକୁ ଭାରତୀୟ ସେନା ଓ ପହଲଗାମ୍‌ରେ ସନ୍ତ୍ରାସବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପରିବାର ସଦସ୍ୟଙ୍କୁ ଉତ୍ସର୍ଗ କରିଥିଲେ। ଖେଳରେ ରାଜନୀତି ପୂରାଇଥିବା ସେ ଲେଭଲ-୧ ଅପରାଧ କରିଥିଲେ। ସେହିପରି ସେପ୍ଟେମ୍ବର ୨୧ ତାରିଖ ଭାତ ବିପକ୍ଷ ସୁପର-୪ ମୁକାବିଲାରେ ପାକିସ୍ତାନର ଫାଷ୍ଟ ବୋଲର ପ୍ରତିପକ୍ଷ ଖେଳାଳିଙ୍କୁ ଉସୁକାଇବା ଓ ଅଶୋଭନୀୟ ଶୈଳୀରେ ସମର୍ଥକଙ୍କ ସହ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହା ଆଇସିସି ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଥିବାରୁ ଲେଭେଲ-୧ ଅପରାଧ କରିଥିଲେ। ଏହା ଫଳରେ ତାଙ୍କୁ ଚେତାବନୀ ଦିଆଯିବା ସହ ଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦେଶର କ୍ରିକେଟ ବୋର୍ଡ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ରିଚାର୍ଡସନ ଶୁକ୍ରବାର ଏପରି ନିଷ୍ପତ୍ତି ନେଇଛନ୍ତି।

● ଅଷ୍ଟ୍ରେଲିଆର କ୍ରମାଗତ ତୃତୀୟ ପରାଜୟ

## ଭାରତର ଦିନିକିଆ ସିରିଜ୍ ସ୍ୱିପ୍

ବ୍ରିସ୍‌ବେନ୍,୨୫।୯ (ଏଜେନ୍ସି): ବେଦାନ୍ତ ତ୍ରିପାଠୀ (୮୬), ରାହୁଲ କୁମାର (୬୨)ଙ୍କ ଅର୍ଦ୍ଧଶତକ ସହିତ ଖୀଲନ ପଟେଲ (୪/୨୬) ଓ ଉଧବ ମୋହନ (୩/୨୬)ଙ୍କ ସୁନ୍ଦର ବୋଲିଂ ବଳରେ ଇଆନ ହିଲି ଓଭାଲ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୧୬୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ୩-୦ରେ ଜିତି ରିଜ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୫୧ ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏଠାରେ ଓ ଦ୍ୱିତୀୟ ମ୍ୟାଚ୍ ମ୍ୟାକୟରେ ଅକ୍ଟୋବର ୭ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୁଜରାଟ ବ୍ୟାଟର ବେଦାନ୍ତ ତ୍ରିପାଠୀ ୯୨ ବଲ୍‌ରୁ ୮ ଚୌକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ପଞ୍ଜାବର ରାହୁଲ କୁମାର ୮୪ ବଲ୍‌ରୁ ୬ ଚୌକା ସହ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ନଂ-୩ ବିହାନ ମାଲହୋତ୍ରା ୪୦, ହରବଂଶ ପାଙ୍ଗଲିଆ ୨୩ ଓ ଖୀଲନ ପଟେଲ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୬.୩ ଓଭରରେ ମାତ୍ର ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଆଲେକ୍ସ ଟର୍ଣ୍ଣର ୩୨, ଟମ୍ ହୋଗାନ ୨୮ ଓ ଅଧିନାୟକ ୱିଲ ମଲାନଜୁକ୍ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ଗୁଜରାଟ ବାମହାତୀ ସ୍ପିନର ଖୀଲନ ପଟେଲ ୨୬ ରନ୍‌ରେ ସର୍ବାଧିକ ୪ଟି ଓ ଦିଲ୍ଲୀର ପେସ୍ ବୋଲର ଉଧବ ମୋହନ ମଧ୍ୟ ୨୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ରାଜସ୍ଥାନ ଅଫ୍ ସ୍ପିନର କନିସ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

## ୨୦୨୬ ଫିଫା ବିଶ୍ୱକପ୍‌ର ମାସ୍କଟ ଉନ୍ମୋଚିତ

କୋରାଲ ଗାବଲ୍ସ, ୨୬।୯ (ଏଜେନ୍ସି): ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ ଲାଗି ଆଜି ମାସ୍କଟ ଉନ୍ମୋଚନ କରାଯାଇଛି। ଏହି ମାସ୍କଟର ନାମ ରଖାଯାଇଛି କ୍ଲଚ୍, ଜାୟୁ ଓ ମାପଲ। ଆମେରିକାକୁ କ୍ଲଚ୍, ମେକ୍ସିକୋକୁ ଜାୟୁ ଓ କାନାଡାକୁ ମାପଲ ପ୍ରତିନିଧିତ୍ୱ କରୁଛି। ଜୁନ୍ ୧୧ରେ ଫିଫା ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍ ପ୍ରଥମଥର ୩ଟି ଦେଶରେ ଓ ପ୍ରଥମଥର ୪୮ଟି ଦେଶକୁ ନେଇ ଆୟୋଜିତ ହେଉଛି। ଜୁଲାଇ ୧୯ରେ ଶେଷ ହେବାକୁ ଥିବା ଏହି ବିଶ୍ୱକପ୍ ୧୬ଟି ସହରରେ ଖେଳାଯିବ।



## ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟବଲ ଚୟନକର୍ତ୍ତା



ଭୁବନେଶ୍ୱର,୨୫।୯ (ସମିସ): ଓଡ଼ିଶାର କିଂବଦନ୍ତୀ ମହିଳା ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜାତୀୟ ମହିଳା ଫୁଟବଲର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ବରିଷ୍ଠ ଦଳରେ ଏହା ତାଙ୍କର ପ୍ରଥମ ନିଯୁକ୍ତି। ଛତିଶଗଡ଼ଠାରେ ଅକ୍ଟୋବର ୧ରୁ ୧୦ ତାରିଖ ଯାଏ ଜାତୀୟ ବରିଷ୍ଠ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରିବା ଶ୍ରଦ୍ଧାଞ୍ଜଳି ଓ ତାଙ୍କ ଟିମ୍‌ର ଦାୟିତ୍ୱ। ଆସନ୍ତାବର୍ଷ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମ୍ଭାବ୍ୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ୨୦୨୪ରେ ଭାରତର ୧୯ ବର୍ଷରୁ କମ୍ ଦଳକୁ ସାଫ୍ କପ୍ ଜିତାଇଥିଲେ। ଏପରି ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତିଦାତା ନାଲକୋ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି।

## ସୁଶ୍ରୀ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟିକା



କଟକ,୨୬।୯(ସମିସ): ଆସନ୍ତା ଅକ୍ଟୋବର ୮ରୁ ବରିଷ୍ଠ ମହିଳା ଜାତୀୟ ଟି-୨୦ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଥିଲା। ୧୬ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ବେହେରା, ଡି ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ମାଧୁରୀ ମେହେଟା, ମୋନାଲିସା ରାଉତ(ୱିକେଟ କିପର), ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପରମିତା ମହାନ୍ତି(ୱିକେଟ କିପର), ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ(ଉପଅଧିନାୟିକା), ସରିତା ମେହର, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା ଦଳରେ ସ୍ଥାନ ପାଇଛନ୍ତି। ଏଲିଟ୍-ସି ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ହାଇଦ୍ରାବାଦ ବିପକ୍ଷରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ଗ୍ୱାଲିୟରରେ ଗ୍ରୁପର ସମସ୍ତ ମ୍ୟାଚ୍ ଖେଳାଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଚୟନ କମିଟି ଅଧକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସୁମନ ଶର୍ମା ଉପସ୍ଥିତ ଥିଲେ।

## ରାହୁଲ ୧୭୬*, ସୁଦର୍ଶନ ୧୦୦

# ଭାରତ-ଏ'ର ଐତିହାସିକ ବିଜୟ

ଲକ୍ଷ୍ନୌ, ୨୫।୯ (ଏଜେନ୍ସି): ବରିଷ୍ଠ ଖେଳାଳି ଲୋକେଶ ରାହୁଲଙ୍କ ଅପରାଜିତ ୧୭୬ ଓ ସାଇ ସୁଦର୍ଶନଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ'କୁ ୫ ୱିକେଟରେ ହରାଇ ଐତିହାସକ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ଜିତିବାକୁ ଭାରତ-ଏ' ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଘରୋଇ ଦଳ ରାହୁଲ ଓ ସୁଦର୍ଶନଙ୍କ ଶତକ, ଅଧିନାୟକ ଧ୍ରୁବ ଜୁରେଲଙ୍କ ୫୬ ରନ୍ ସହାୟତାରେ ଦଳ ୫ ୱିକେଟ ହରାଇ 'ଏ' ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଦଳ ୨୦୨୨ ହାବନଟୋଟାରେ ଶ୍ରୀଲଙ୍କା-ଏ' ବିପକ୍ଷରେ ୩୬୭ ରନ୍ କରି ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ-ଏ'ର ରେକର୍ଡକୁ ଅତିକ୍ରମ କରିଥିଲେ। ଭାରତ ମଧ୍ୟ ନିଜ ରେକର୍ଡରେ ଉନ୍ନତି ଆଣିଛି। ୨୦୦୩ରେ ନଟିଂହାମସାୟର ବିପକ୍ଷରେ ଭାରତ-ଏ' ୩୪୦ ରନ୍ କରି ବିଜୟୀ ହୋଇଥିଲାବେଳେ ଏଠାରେ ମଧ୍ୟ ଏହି ରେକର୍ଡ ଅତିକ୍ରମ ହୋଇଯାଇଛି। ଏହି ବିଜୟ ଫଳରେ ଭାରତ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ଜିତିନେଇଛି। ଏଠାରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟ ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା।




ଭାରତ-ଏ' ପକ୍ଷରୁ ଖେଳୁଥିବା ରାହୁଲ ତାଙ୍କ ପାରମ୍ପରିକ ଟ୍ରେଡମାର୍କ ସଟ୍ ସହାୟତାରେ ୨୧୦ ବଲ ଖେଳରି ୧୬ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୭୬ ରନ୍ ଦଳକୁ ଜିତାଇଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ୨ଟି ଟେଷ୍ଟର ୪ଟି ଯାକ ଇନିଂସରେ ସଫଳ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ'ର ଜୋଶ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ-ଏ' ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୧୭୨ ବଲ୍‌ରୁ ୧୦୦ ଓ ଅଧିନାୟକ ଧ୍ରୁବ ଜୁରେଲ ୬୬ ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଶେଷରେ ନୀତୀଶ କୁମାର ରେଡ୍ଡୀ ଅପରାଜିତ ୧୬ କରି ରାହୁଲଙ୍କ ସହ ଦଳକୁ ମ୍ୟାଚ୍ ଜିତାଇଥିଲେ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ'ର ୪୨୦ ରନ୍ ଜବାବରେ ଭାରତ-ଏ' ମାତ୍ର ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତ-ଏ'ର ବୋଲରମାନେ ଘାତକ ପ୍ରଦର୍ଶନ କରିବା ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ୨୨୬ ରନ୍‌ର ଅଗ୍ରଣୀକୁ ମିଶାଇ ଅଷ୍ଟ୍ରେଲିଆ-ଏ' ଘରୋଇ ଦଳ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଭାରତ ମାତ୍ର ୫ ୱିକେଟ ହରାଇ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ମଧ୍ୟରେ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ୪ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।

### ଆଇଏସଏସ୍ ଜୁନିଅର ୱାର୍ଲ୍ଡକପ୍



## ଜୋନାଥନଙ୍କୁ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଭାରତର ଜୋନାଥନ ଆଣ୍ଟୋନି ତାଙ୍କ ଇଟାଲୀୟ ପ୍ରତିଦ୍ୱନ୍ଦ୍ୱୀ ଲୁକା ଆରିଘିଙ୍କୁ ୮.୫ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍ ଜୁନିଅର ୱାର୍ଲ୍ଡ କପ୍ ସୁଟିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡଃ କାର୍ଣ୍ଣି ସିଂହ ରେଞ୍ଜରେ ଆଜି ଅନୁଷ୍ଠିତ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ କର୍ଣ୍ଣାଟକର ଜୋନାଥନ ବିଜେତା ହୋଇଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ଜିତୁ ରାୟଙ୍କ ତତ୍ତ୍ୱାବଧାନରେ ଜୋନାଥନ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ଏୟାର ପିସ୍ତଲରେ ନିରପେକ୍ଷ ଦେଶ ଭାବେ ଭାଗନେଇଥିବା ରୁଷର ଇଭେଲିନା ସିନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଭାରତର ରଶ୍ମିକା ସେହଗଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଦ୍ୱିତୀୟ ଦିନ ସୁଦ୍ଧା ଭାରତ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ସହ ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି।

## ତାରାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧନା


ଭୁବନେଶ୍ୱର,୨୬।୯ (ସମିସ): ଇଣ୍ଡିଆନ ମାଉଣ୍ଟେନିୟରିଂ ଫେଡେରେସନ (ଆଇଏମ୍‌ଏଫ୍) ପକ୍ଷରୁ ନେଦରଲାଣ୍ଡ ଟିମ୍‌ର ଲିଆସନିଂ ଅଫିସର ଭାବେ କାମ କରି ସଫଳତା ପାଇଥିବା ଓଡ଼ିଶାର ତାରାକାନ୍ତ ପରିଡ଼ାଙ୍କୁ ଆସା (ଅସୋସିଏସନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟି) ପକ୍ଷରୁ ସମ୍ମାନିତ କରାଯାଇଛି। ଜୁଡୋ ହଲ ପରିସରରେ ଶୁକ୍ରବାର ଆୟୋଜିତ ବନ୍ଧୁମିଳନରେ ତାରାକାନ୍ତଙ୍କୁ ଆସା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ଏକ ଅନୌପଚାରିକ ବୈଠକରେ ଆସାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ତଥା ଆସାର ସମ୍ପାଦକ ଗଣେଶ ଜେନା, ହରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସା ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

### ୫ଟି ମ୍ୟାଚ୍‌ରେ ଓଭର କଟିଲା, ସେମିଫାଇନାଲ ସହ ୪ ମ୍ୟାଚ୍ ବାତିଲ

# ଓଡ଼ିଶା ପ୍ରୋ ଟି-୨୦ରେ ବର୍ଷା ପ୍ରତିବନ୍ଧକ

କଟକ,୨୬।୯(ସମିସ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ବର୍ଷା ବାଧକ ସାଜୁଛି। ଶୁକ୍ରବାର ସନ୍ଧ୍ୟାରେ ଏଠାରେ ହେବାକୁ ଥିବା କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ ବିପକ୍ଷ ଫାଇନାଲ ମୁକାବିଲା ମଧ୍ୟ ବର୍ଷା ଯୋଗୁଁ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରିନାହିଁ। ଦିନ ତମାମ୍ ଲଗାଣବର୍ଷା ଯୋଗୁଁ ବାରବାଟୀର ଆଉଟଫିଲ୍ଡ ସନ୍ତସନ୍ତିଆ






ରହିଛି। ପଡ଼ିଆ ଖେଳ ଉପଯୋଗୀ କରାଇବା ନିମନ୍ତେ ଉଦ୍ୟମ ଚାଲିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ରାତି ୯ଟାରେ ଟସ୍ ପଡ଼ିବ ବୋଲି ସୂଚନା ମିଳିଛି।

ସେପ୍ଟେମ୍ବର ମାସରେ ଅଦିନିଆ ବର୍ଷା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ଉପରେ ଅଙ୍କୁଶ ଲଗାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ପ୍ରଥମଥର ଏଭଳି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ତେବେ ଲିଗ୍ ପର୍ଯ୍ୟାୟରେ ଏକାଧିକ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିବା ବେଳେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଥିଲା। ଯଦ୍ୱାରା ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଭୁବନେଶ୍ୱର ଟାଇଗର୍ସକୁ ନିରାଶ ହେବାକୁ ପଡ଼ିଥିଲା। ଏଥି ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ, ସମ୍ବଲପୁର ୱାରିୟର୍ସ-ଭୁବନେଶ୍ୱର ଟାଇଗର୍ସ, ଭୁବନେଶ୍ୱର ଟାଇଗର୍ସ-ପୁରୀ ଟାଇଟନ୍ସ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା। ୨ଟି ମ୍ୟାଚ୍ ବାତିଲ ଯୋଗୁଁ ଟାଇଗର୍ସ ଲିଗ୍ ପର୍ଯ୍ୟାୟରେ ଅଧା ପଏଣ୍ଟ ପାଇଥିଲା। ସେମିଫାଇନାଲ ମୁକାବିଲାରେ ଏହାର ପ୍ରଭାବ ପଡ଼ିଥିଲା। ଏତଦ୍ ବ୍ୟତୀତ ୫ଟି ମ୍ୟାଚ୍ ବର୍ଷା ଯୋଗୁଁ କମ୍ ଓଭର ବିଶିଷ୍ଟ ଖେଳାଯାଇଛି। ଅନ୍ୟ କିଛି ମ୍ୟାଚ୍‌ର ଫଳାଫଳ ଡିଏଲଏସ୍ ପଦ୍ଧତିରେ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଫାଇନାଲ ମୁକାବିଲା ବିଳମ୍ବରେ ଆରମ୍ଭ ହେଲେ ସୁଦ୍ଧା ୨୦ଓଭର ବିଶିଷ୍ଟ ଖେଳାଯିବ ବୋଲି ସୂଚନା ମିଳିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS